ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.271 Bhubaneswar Friday December 16 2022 | ୨୫ତମ ବର୍ଷ ସଂଖ୍ୟା-୨୭୧ ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୬, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ଅଭିଯୋଗ ପ୍ରକୋଷ୍ଠରେ ଦଳୀୟ କର୍ମୀଙ୍କୁ ଭୋଜି ଦେଲେ ନବୀନ



ଭୁବନେଶ୍ୱର,୧୫।୧୨(ପି.ଏନ): ପଦ୍ମପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ବିପୁଳ ଭୋଟ୍ ବ୍ୟବଧାନରେ ବିଜୟୀ ହେବା ପରେ ଆଜି ଦଳୀୟ ନେତା ଓ କର୍ମୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭୋଜିର ଆୟୋଜନ କରିଥିଲେ । ପଦ୍ମପୁର ଉପନିର୍ବାଚନରେ ଦଳ ପାଇଁ କାର୍ଯ୍ୟ କରିଥିବା ରାଜ୍ୟସ୍ତରୀୟ ନେତାମାନଙ୍କୁ ଆପ୍ୟାୟିତ କରାଯାଇଥିବା ଜଣାପଡିଛି । ଏହାସହିତ ପଦ୍ମପୁରବାସୀଙ୍କୁ ବିଜେଡି ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବା ଓ ସେମାନଙ୍କୁ କୃତଜ୍ଞତା ଜଣାଇବାକୁ ନବୀନ ଖୁବଶୀଘ୍ର ପଦ୍ମପୁର ଯିବେ ବୋଲି ଦଳ ପକ୍ଷରୁ କୁହାଯାଇଛି । ମିଳିଥିବା ସୂଚନା ଅନୁସାରେ, ଆଜି ନବୀନ ନିବାସରେ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ପ୍ରକାଶ ଦାସ, ସୁଶାନ୍ତ ସିଂ ଓ ନବ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ପଦ୍ମପୁର ଉପନିର୍ବାଚନ ଫଳାଫଳର ସମୀକ୍ଷା ହୋଇଛି । ପଦ୍ମପୁର ଉପନିର୍ବାଚନରେ ଦାୟିତ୍ୱରେ ଥିବା ଜୋନଓ୍ୱାରି ନେତାମାନଙ୍କୁ ଡାକି ଫଳାଫଳର ସମୀକ୍ଷା କରାଯିବା ପରେ ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ ଦଳୀୟ ନେତାମାନଙ୍କ ସାମୁହିକ ପ୍ରୟାସ ଯୋଗୁ ପଦ୍ମପୁର ଉପନିର୍ବାଚନରେ ବିଜେଡିକୁ ସଫଳତା ମିଳିଛି ବୋଲି କହି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସେ ଖୁବଶୀଘ୍ର ପଦ୍ମପୁର ଗସ୍ତରେ ଯିବେ ବୋଲି ମଧ୍ୟ ଦଳୀୟ ନେତାମାନଙ୍କୁ ସୂଚନା ଦେଇଥିଲେ । ଏହାପରେ ନବୀନଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆୟୋଜିତ ଭୋଜିରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଦଳୀୟ ନେତା ଓ କର୍ମୀମାନେ ସାମିଲ ହୋଇଥିବା ଜଣାପଡିଛି ।

ପର୍ଯ୍ୟବେକ୍ଷକ | THE KALINGA CHRONICLE
Daily Edition: R.N.I. No: ODIENG/2013/52530
Popular People's Daily of Odisha

# WANTED

People's Odia Daily PARYABEKHYAK and English Daily The KALINGA CHRONICLE needs Accountants-Cum Office Assistant, DTP Operators, Layout Designer, Visuals Editors and Advertisement Executives for Bhubaneswar office

Also Reporters/Correspondents Required at the BLOCK / TAHASIL / SUBDIVISION / DISTRICT LEVEL of ODISHA

Experienced Candidates may send their CV to the following contacts No:
9437588705(Whatapp)
Email:editorpbkc@gmail.com

## ଜିଲ୍ଲା ଜଜ୍ ଙ୍କ ଚାମ୍ବରରେ ପଶି ଓକିଲଙ୍କ ଭଙ୍ଗାରୁଜା ଓ ହିଂସା ମାମଲା : ଗିରଫଦାରୀ ସଂଖ୍ୟା ୨୩କୁ ବୃଦ୍ଧି

ସମ୍ବଲପୁର,୧୫।୧୨(ପି.ଏନ): ଆନ୍ଦୋଳନ ବେଳେ ଜିଲ୍ଲା ଜଜ୍ ଙ୍କ ଚାମ୍ବରରେ ପଶି ଓକିଲଙ୍କ ଭଙ୍ଗାରୁଜା ଓ ହିଂସା ମାମଲାରେ ଆଉ ୮ ଜଣ ଓକିଲଙ୍କୁ ଗିରଫ କରିଛି ପୋଲିସ । ଗିରଫ ଆଇନଜୀବୀଙ୍କ ମଧ୍ୟରେ ରହିଛନ୍ତି ସମ୍ବଲପୁର ଓକିଲ ସଂଘର ସଭାପତି ସୁରେଶ୍ୱର ମିଶ୍ର, ଜିଲ୍ଲା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ପ୍ରଦୀପ ବହିଦାର ଏବଂ ଅନ୍ୟମାନେ। ଅନ୍ୟପକ୍ଷରେ ପୁଣି ୮ ଜଣ ଓକିଲଙ୍କୁ ଗିରଫ ପରେ ମାମଲାରେ ଗିରଫଦାରୀ ସଂଖ୍ୟା ୨୩କୁ ବୃଦ୍ଧି ପାଇଛି । ସିସିଟିଭି ଫୁଟେଜରେ ଆସିଥିବା ଅନ୍ୟ ଆଇନଜୀବୀଙ୍କୁ ମଧ୍ୟ ଗିରଫ ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରୀ ରହିଛି । ଆଗକୁ ଏହି ଗିରଫଦାରୀ ସଂଖ୍ୟା ଆହୁରି ବଢିପାରେ ବୋଲି ସମ୍ବଲପୁର ଏସପି ବି. ଗଙ୍ଗାଧର କହିଛନ୍ତି । ଏନେଇ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ, ଗିରଫ ଆଇନଜୀବୀମାନଙ୍କୁ ଆଜି କୋର୍ଟଚାଲାଣ କରାଯିବ । ପୋଲିସ ମାମଲାରେ ତଥ୍ୟ ସଂଗ୍ରହ କରୁଛି, ସିସିଟିଭି ଫୁଟେଜକୁ ଯାଂଚ୍ କରୁଛି, ଏଥିରେ ଅନ୍ୟ ଯେଉଁମାନଙ୍କର ମଧ୍ୟ ସମ୍ପୃକ୍ତି ଥିବ ସେମାନଙ୍କୁ ଗିରଫ କରାଯିବ। ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଜଗତସିଂହପୁରରେ ୨୧୪ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଜଗତସିଂହପୁର ଜିଲ୍ଲାରେ ପ୍ରାୟ ୨୧୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଜଗତସିଂହପୁର, ରଘୁନାଥପୁର, ତିର୍ତ୍ତୋଲ ଓ ବାଲିକୁଦାରେ ୪ଟି ମିଶନ ଶକ୍ତି ଭବନ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏହାବ୍ୟତୀତ ୪୩ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଭିତିପ୍ରସ୍ତର ମଧ୍ୟ ରଖିଛନ୍ତି। ଏହାଦ୍ୱାରା ଜିଲ୍ଲାର ୧୨ ଲକ୍ଷ ଲୋକ ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଧାରଣ ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ବଜାୟ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏଥି ପାଇଁ ଆମେ କାମ କରୁଛୁ ଓ ଏହା ଆଗକୁ ମଧ୍ୟ ଜାରି ରହିବ। ଜଗତସିଂହପୁର ମା ଶାରଳା ଓଙ୍କ ପୀଠ ମାତୃ ପୀଠଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପାରାଦୀପ ଠାରେ ବିଜୁ ବାବୁ ଓଡିଶାର ଶିଳ୍ପ ବିକାଶ ପାଇଁ ଭିତି ରଖିଥିଲେ। ପାରାଦୀପ ଆଜି ଦେଶର ଏକ ସମୃଦ୍ଧ ବନ୍ଦର ଭାବରେ ଅନେକ ସୁଯୋଗ ସୃଷ୍ଟି କରିଛି ଏବଂ ଆମ ଅର୍ଥନୀତିର ଜୀବନରେଖା ହୋଇଛି ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମା ଶାରଳାଙ୍କ ପୀଠ ହେଉଛି ମାତୃ ପୀଠ। ଜିଲ୍ଲାର ମିଶନ ଶକ୍ତିର ମା ମାନେ ଆଜି ବିକାଶର ସାରଥୀ ହୋଇଛନ୍ତି ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯିବା ସହିତ ଜିଲ୍ଲାସ୍ତରୀୟ ମିଶନ ଶକ୍ତି ଫେଡେରେସନ ପାଇଁ ୧ କୋଟି ଟଙ୍କା ଓ ବ୍ଲକ୍ ସ୍ତରୀୟ ମିଶନ ଶକ୍ତି ଫେଡେରେସନ ପାଇଁ ୫୦ ଲକ୍ଷ ଟଙ୍କାର ଏକ ରିଭଲ୍‌ଭିଂ ଫଣ୍ଡର ବ୍ୟବସ୍ଥା ରଖାଯାଇଛି । ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଏହା ଆହୁରି ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ ।ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସାରା ଦେଶ ପାଇଁ ଏକ ମଡେଲ ହୋଇଛି । ଆଜି ପର୍ଯ୍ୟନ୍ତ ଏହି ଯୋଜନାରେ ୮ ଲକ୍ଷ ଲୋକ ଚିକିତ୍ସା ସୁବିଧା ପାଇଛନ୍ତି ଏବଂ ଏଥିପାଇଁ ରାଜ୍ୟ ସରକାର ୧୬୦୦ କୋଟି ରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି । ଜଗତସଂହପୁର ଜିଲ୍ଲାରେ ବର୍ତମାନ ସୁଦ୍ଧା ୧୦୨ଟି ସ୍କୁଲର ରୂପାନ୍ତର କରାଯାଇଛି ଏବଂ ଚତୁର୍ଥ ପର୍ଯ୍ୟାୟରେ ଜିଲ୍ଲାର ସମସ୍ତ ସ୍କୁଲକୁ ରୂପାନ୍ତରଣ କରାଯିବ। ମା ଶାରଳା ମନ୍ଦିରକୁ ଇଂଟିଗ୍ରେଟେଡ୍ ଡେଭଲପମେଂଟ ଅଫ୍ ହେରିଟେଜ୍ ଆଣ୍ଡ ମୋନୁମେଂଟସ୍ ଆଣ୍ଡ ଟୁରିଷ୍ଟ ଡେଷ୍ଟିନେସନ୍ ଯୋଜନାରେ ସାମିଲ କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ମାଙ୍କ ପୀଠର ଉନ୍ନତି ପାଇଁ ୪୨ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ଏବଂ ୨୦୨୩ ଡିସେମ୍ବର ସୁଦ୍ଧା ଏହି କାମ ସଂପୂର୍ଣ୍ଣ ହେବ ।ଏହି କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ଜଗତସିଂହପୁର ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ତିର୍ତ୍ତୋଲ ବିଧାୟକ ବିଜୟ ଶଂକର ଦାସ ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ବିକାଶର ଅଗ୍ରଦୂତ ଭାବେ ବର୍ଣ୍ଣନା କରି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ଯୋଗୁ ଓଡିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ସୁନାମ କରିପାରିଛି। ଜଗତସିଂହପୁରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଯୋଗୁ ସାରା ଜିଲ୍ଲାବାସୀଙ୍କ ପକ୍ଷରୁ ସେମାନେ କୃତଜ୍ଞତା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ୫ -ଟି ଭି କେ ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ଜଗତସିଂହପୁର ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ।

## କୋରାପୁଟ ଜିଲ୍ଲାରେ ଲାମ୍ପୀ ରୋଗ ଆତଙ୍କ

ଜୟପୁର ,୧୫।୧୨(ପି.ଏନ): କୋରାପୁଟ ଜିଲ୍ଲା ଜୟପୁରରେ ଗାଇକୁ ଲାମ୍ପୀ ରୋଗ ବ୍ୟାପୁଥିବାରୁ ଆତଙ୍କ ସୃଷ୍ଟି ହୋଇଛି। ଏହି ରୋଗ ବ୍ୟାପିଲେ କୋରାପୁଟ ଜିଲାରେ ଗୋରୁ ଶୁନ୍ୟ ହେବା ଆଶଙ୍କା ରହିଛି। ଗତ ଦିନରେ ରାଜସ୍ଥାନରେ ଏପରି ରୋଗ ବ୍ୟାପିବାରୁ ଲକ୍ଷ ଲକ୍ଷ ଗାଇ ଗୋରୁ ମୃତ୍ୟୁ ବରଣ କରିଛନ୍ତି । ଏହି ଖବର ଗୋ ସୁରକ୍ଷା ମଂଚର ଗଙ୍ଗାଧର ନନ୍ଦ ପ୍ରତିଦିନ ବୁଲା ଗାଇ ଗୋରୁଙ୍କୁ ଖାଇବାକୁ ଦିଅନ୍ତି । ଏହି ସମୟରେ ଗୋରୁଙ୍କୁ ଦେହରେ ଲାମ୍ପି ରୋଗ ବ୍ୟାପିଥିବା ସେ ଜାଣିବାକୁ ପାଇଥିଲେ। ଏହାର ଫଟୋ ଉତୋଳନ କରି ସେ ପ୍ରାଣୀ ବିଭାଗ ଡାକ୍ତର ଆଲୋକ ଆଚାର୍ଯ୍ୟ, ଡାକ୍ତର ଲକ୍ଷ୍ମୀ ନାରାୟଣ ନନ୍ଦ, ଡାକ୍ତର ଲିନା କାଲାଙ୍କୁ ପଠାଇଥିଲେ । ସେମାନେ ମଧ୍ୟ ଏହା ଭୟଙ୍କର ରୋଗ ବୋଲି କହିଥିବା ଗଙ୍ଗା ଧର ନନ୍ଦ ସୂଚନା ଦେଇଛନ୍ତି । ଜୟପୁର ସହରରେ ବିନା ମାଲିକରେ ଶହ ଶହ ଗାଇ ବୁଲୁଛନ୍ତି । ମାଲିକ ଜଣା ପଡି ନଥିବା ଯୋଗୁଁ ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି । ତେଣୁ ପ୍ରଶାସନ ତୁରନ୍ତ ଏଥି ପ୍ରତି ସଜାଗ ହେଲେ ଆଗାମୀ ଦିନରେ ରାଜସ୍ଥାନ ପରି ଘଟଣା ଘଟିବା ଆଶଙ୍କା ରହିଛି । ତେଣୁ ପ୍ରଶାସନ ତତ୍ପରତା ପ୍ରକାଶ କରିବାକୁ ଗୋ ସୁରକ୍ଷା ମଂଚ ତରଫରୁ ଅନୁରୋଧ କରାଯାଇଛି ।

## ସୈନ୍ୟ କ୍ଷେତ୍ରର ଭିଡିଓ ତିଆରି କରିବା ପ୍ରସଙ୍ଗ: ପୋଲିସ୍ ସାତ ସନ୍ଦିଗ୍ଧଙ୍କୁ ଅଟକ ରଖି କରୁଛି ପଚରା ଉଚୁରା

ଜାମ୍ମୁ, ୧୫।୧୨(ପି.ଏନ): ସୈନ୍ୟ କ୍ଷେତ୍ରର ଭିଡିଓ ବନାଇବା ମାମଲାରେ ପୋଲିସ୍ ସାତ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚାରା ଉଚୁରା କରୁଥିବା ଜଣା ପଡିଛି । ଜାମ୍ମୁ ଜିଲ୍ଲାରୁ ଉପଜିଲ୍ଲା ଅଖନୁର ଯାଉଥିବା ବସ୍‌ରେ ସବାର କିଛି ସନ୍ଦିଗ୍ଧ ଲୋକମାନେ ଏହି ଭିଡିଓ ତିଆରି କରିଥିଲେ ।ପୋଲିସ୍ ଅନୁଯାୟୀ ଗୁରୁବାର ଦିନ ଏକ ବସ୍ ଜାମ୍ମୁରୁ ଅଖନୁର ଯାଉଥିଲା। ଯେତେବେଳ ବସ୍ ଚିନାବ ଦରିୟା ପୁଲ୍ ପାଖରେ ପହଂଚିଥିଲେ ତେବେ ଏଥିରେ ବସିଥିବା କିଛି ବ୍ୟକ୍ତି ପୋଲର ଦୁଇପଟର ଭିଡିଓ ବନାଇବା ଲାଗିଥିଲେ। ପୋଲର ଦୁଇ ପାଖରୁ ସୈନ୍ୟ କ୍ଷେତ୍ର ଅଟେ। ତାଙ୍କର ବ୍ୟବହାରକୁ ସନ୍ଦିଗ୍ଧ ଦେଖି ଅନ୍ୟ ଯାତ୍ରୀ ମାନେ ଏହାର ବିରୋଧ କରିଥିଲେ ଏବଂ ମାମଲା ପୋଲିସ ପର୍ଯ୍ୟନ୍ତ ପହଂଚିଥିଲା। ଅଖନୁର ବସ୍‌ଷ୍ଟାଣ୍ଡରେ ସାତ ସନ୍ଦିଗ୍ଧଙ୍କୁ ପୋଲିସ୍‌କୁ ଦିଆ ଯାଇଥିଲା।

## ୫ ଘଣ୍ଟା ଧରି ଚାଲିଲା ବୈଠକ, ଉଠିଲାନି ରତ୍ନଭଣ୍ଡାର କଥା



ପୁରୀ ,(ପ.ଏନ) ୧୫।୧୬ (ପି.ଏନ): ଆଜି ବସିଥିଲା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ୫ ଘଣ୍ଟା ଧରି ଚାଲିଥିବା ବୈଠକରେ ରତ୍ନଭଣ୍ଡାର ବିଷୟରେ ପଦୁଟିଏ ଆଲୋଚନା ହେଲାନାହିଁ। ବୈଠକର ନିଷ୍ପତି ଅନୁସାରେ, ଆସନ୍ତା ୨୦୨୩ ଅପ୍ରେଲ ସୁଦ୍ଧା ଶେଷ ହେବ ଗୁଣ୍ଡିଚା ମନ୍ଦିର କଲୋମ ଓ ବିମ୍ ମରାମତି କାମ। ଜାନୁଆରୀ ୧ ତାରିଖରୁ ଶ୍ରୀମନ୍ଦିରକୁ ସ୍ମାର୍ଟଫୋନ୍ ପ୍ରବେଶ ଉପରେ କଟକଣା ଲାଗିବ। ମୋବାଇଲ ବାରଣ ନେଇ ଛତିଶାନିଯୋଗର ନିଷ୍ପତ୍ତି ଉପରେ ପରିଚାଳନା କମିଟି ମୋହର ମାରିଛି। ନୀତି ସମ୍ବନ୍ଧୀୟ ଅପଡେଟ୍? ପାଇଁ ଶାଖା କାର୍ଯ୍ୟାଳୟ ଓ ଗାରଦରେ ଗୋଟିଏ ମୋବାଇଲ ରହିବ। ଦୁଇ ଦ୍ୱାରରେ ଅଧିକାରୀ ଓ ସେବାୟତମାନଙ୍କ ପାଇଁ ମୋବାଇଲ ଜମା କରିବାର ଷ୍ଟାଣ୍ଡ ରହିବ ।ଅଧିକାରୀ ଓ ସେବାୟତମାନେ ସିଂହଦ୍ୱାର ଓ ଦକ୍ଷିଣ ଦ୍ୱାରରେ ମୋବାଇଲ ଜମା କରି ଭିତରକୁ ଯାଇପାରିବେ। ସେବାୟତ ଓ ଅଧିକାରୀ ଚାହିଁଲେ କି’ ପ୍ୟାଡ୍? ମୋବାଇଲ ଶ୍ରୀମନ୍ଦିର ଭିତରକୁ ନେଇପାରିବେ। ମହାପ୍ରଭୁଙ୍କ ନାଁରେ ଥିବା ଖଣିରେ ବେଆଇନ୍? ଖନନକୁ ନେଇ ଘଏଞ୍ଜ ଦେଇଥିବା ୧୨ କୋଟି ଟଙ୍କାର କ୍ଷତିପୂରଣ ନିର୍ଦ୍ଦେଶ ଉପରେ ଅପିଲ କରିବ ଶ୍ରୀମନ୍ଦିର ପ୍ରଶାସନ।

## ଖୁବଶୀଘ୍ର ବଦଳିବେ ବିଜେଡିର ଛାତ୍ର ଓ ଯୁବ ମୁଖିଆ

ଭୁବନେଶ୍ୱର,୧୫।୧୨(ପି.ଏନ): ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତି ଜୋରଦାର କରୁଥିବା ଶାସକ ବିଜେଡି ନିଜର ଯୁବ ଓ ଛାତ୍ର ସଂଗଠନକୁ ଅଧିକ କ୍ରିୟାଶୀଳ ତଥା ସୁଦୃ? କରିବା ନିମନ୍ତେ ନିଷ୍ପତ୍ତି ନେଇଛି । ବିଶେଷକରି ବିଜେଡି ଯୁବ ସଭାପତି ବ୍ୟୋମକେଶ ରାୟଙ୍କ ଅପାରଗତା ଓ ବିବାଦୀୟ ଭୂମିକା ତଥା ଛାତ୍ର ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ସାଂଗଠନିକ କାର୍ଯ୍ୟକ୍ରମରେ ଅଭିଜ୍ଞତାର ଅଭାବ ଯୋଗୁ ଗତ ପ୍ରାୟ ୩ବର୍ଷ ଧରି ଦଳର ଏହି ଦୁଇ ଛାମୁଆ ସଂଗଠନ ଅକାମୀ ହୋଇ ପଡିରହିଛି । ଦଳର ଭୋଟବ୍ୟାଙ୍କ ବୃଦ୍ଧି, ଦଳ ସପକ୍ଷରେ ସାଧାରଣରେ ଜନମତ ସୃଷ୍ଟି ଓ ସୋସିଆଲ ମିଡିଆରେ ଅଧିକ ସକ୍ରିୟ ହୋଇ ବିରୋଧୀଙ୍କ ଆକ୍ରମଣକୁ ମୁହଁତୋଡ ଜବାବ ଦେବା ଦିଗରେ ବର୍ତ୍ତମାନର ବିଜେଡି ଯୁବ ଓ ଛାତ୍ର ନେତୃତ୍ୱ ଏବଂ ତାଙ୍କ ଟିମ୍ ସମ୍ପୂର୍ଣ୍ଣ ଅକ୍ଷମ ହୋଇପଡିଥିବାରୁ ସେମାନଙ୍କୁ ହଟାଇ ଏହାର ଦାୟିତ୍ୱ ନୂଆ ନେତାଙ୍କ ହାତରେ ଦେବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଜଣାପଡିଛି ।ବିଜେଡି ସୂତ୍ର ଅନୁସାରେ, ବର୍ତ୍ତମାନ ସୋସିଆଲ ମିଡିଆ ଯୁଗରେ ଦଳର ଛାତ୍ର ଓ ଯୁବ ସଂଗଠନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଏହି ଦୁଇ ସଂଗଠନର ସଭାପତି ଓ ତାଙ୍କ ଟିମର ଅପାରଗତା ଓ ନିଷ୍କ୍ରିୟତା ଦଳ ପାଇଁ ଚିନ୍ତାର ବିଷୟ ପାଲଟିଛି । ୨୦୧୯ ସାଧାରଣ ନିର୍ବାଚନ ପରେ ବିଜେଡିର ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ଯୁବ ସଭାପତି ଓ ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ଛାତ୍ର ସଭାପତି ଭାବେ ଦାୟିତ୍ୱ ନ୍ୟସ୍ତ ହୋଇଥିଲା । ଏପରିକି ସେମାନଙ୍କୁ ନିଜର ଟିମ୍ ଚୟନ ନିମନ୍ତେ ମଧ୍ୟ ଦଳ ପକ୍ଷରୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା । ଯାହାର ସୁଯୋଗ ନେଇ ଛାତ୍ର ଓ ଯୁବ ଟିମ୍ ଗଠନବେଳେ ତୋଷାମଦକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥଇଥାନ କରାଯାଇଥିଲା । ଦଳର ଏହି ଛାତ୍ର ଓ ଯୁବ ସଂଗଠନର ପରାମର୍ଶଦାତା ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ମଧ୍ୟ ଦାୟିତ୍ୱ ମିଳିଥିଲା ।ତେବେ ବିଭିନ୍ନ ଦୁର୍ନୀତି ଓ କେଳେଙ୍କାରୀ ପାଇଁ ବିବାଦରେ ରହୁଥିବା ପ୍ରଣବ ବଳବନ୍ତରାୟ ଓ ବ୍ୟୋମକେଶ ରାୟଙ୍କ ଗ୍ରହଣୀୟତାକୁ ନେଇ ଦଳ ଭିତରେ ଅସନ୍ତୋଷ ଥିଲେ ମଧ୍ୟ ବିଜେଡି ସୁପ୍ରିମୋଙ୍କ ନିଷ୍ପତ୍ତିକୁ ଦଳର ବରିଷ୍ଠ ନେତାମାନେ ମଥାପାତି ଗ୍ରହଣ କରିନେଇଥିଲେ । କିନ୍ତୁ ଗତ ୩ବର୍ଷ ମଧ୍ୟରେ ଦଳର ଯୁବ ଓ ଛାତ୍ର ସଂଗଠନ ସମ୍ପୂର୍ଣ୍ଣ ସ୍ଥାଣୁ ହୋଇ ରହିଥିବା ତଥା ଏହି ନେତାମାନଙ୍କର ବିବାଦୀୟ ଭୂମିକା ଯୋଗୁ ଦଳକୁ କ୍ରମାଗତ କ୍ଷତି ସହିବାକୁ ପଡିଥିବାରୁ ସେମାନଙ୍କୁ ହଟାଇବାକୁ ବିଜେଡି ନେତୃତ୍ୱ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି । ଦଳର ଛାତ୍ର ଓ ଯୁବ ସଂଗଠନ ଦାୟିତ୍ୱ ଆଳରେ ବିଧାୟକ ବ୍ୟୋମକେଶ ରାୟ ଓ ପ୍ରଣବ ବଳବନ୍ତରାୟ ଧରାକୁ ସରା ମଣି ଅନ୍ୟ ବିଧାୟକମାନଙ୍କ ସହ ସମନ୍ୱୟ ରକ୍ଷା କରୁନଥିବାର ଫଳ ଏବେ ଦଳକୁ ଅଡୁଆରେ ପକାଇଛି । ବିଶେଷକରି ଯୁବ ଓ ଛାତ୍ର ସଂଗଠନ ସମ୍ପୂର୍ଣ୍ଣ ଦିଗହରା ପାଲଟି ଯାଇଛି । ଏପରିକି ୨୦୧୯ ଅଗଷ୍ଟରେ ଗଠିତ ଯୁବ ଓ ଛାତ୍ର ଟିମକୁ ୨୦୨୨ରେ ପୁର୍ନଗଠନ କରାଯାଇଥିଲେ ମଧ୍ୟ ଏହି ମୁଖିଆମାନଙ୍କ କାର୍ଯ୍ୟରେ କୌଣସି ସୁଧାର ପରିଲକ୍ଷିତ ହୋଇପାରିନି । ୨୦୧୯ ସାଧାରଣ ନିର୍ବାଚନ ପରଠୁ ବିଜେଡି ୭ଟି ଉପନିର୍ବାଚନର ସମ୍ମୁଖୀନ ହୋଇଥିବାବେଳେ ଦଳର ଛାତ୍ର ଓ ଯୁବ ସଂଗଠନର ଭୂମିକା ଆଖିଦୃଶିଆ ରହିପାରିନି ।ଧାମନଗର ଉପନିର୍ବାଚନରେ ଦଳର ଛାତ୍ର ଓ ଯୁବ ସଂଗଠନ ଭରସାରେ ବିଜେଡି ନେତୃତ୍ୱ ରହିବା ମଧ୍ୟ ଦଳକୁ ବେଶ୍ ମହଙ୍ଗା ପଡିଲା । ଧାମନଗର ଉପନିର୍ବାଚନରେ



## ଆଗକୁ ହକି ବିଶ୍ୱକପ୍: ବିଏମ୍‌ସିର ନିଦ ହଜାଇଲା ମଶା



ଭୁବନେଶ୍ୱର ,(ପି.ଏନ) ୧୫।୧୨(ପି.ଏନ): ଆଗକୁ ଭୁବନେଶ୍ୱରରେ ହେବ ହକି ବିଶ୍ୱକପ୍। ସେଥିପାଇଁ ସଜେଇ ହେଉଛି ରାଜଧାନୀ। ରାସ୍ତାଘାଟ ଚକାଚକ୍? ହେଉଛି। ସବୁଜିମା ସହରକୁ ସୁନ୍ଦର କରିବା ପାଇଁ ଛକ ଛକରେ ଫୁଲ ଗଛ ରୋପଣ କରାଯାଉଛି। ହେଲେ ତାହାରି ଭିତରେ ସହରବାସୀଙ୍କୁ ବ୍ୟଥିତ କରିଛି ମଶାଙ୍କ ପ୍ରାଦୁର୍ଭାବ। ରାଜଧାନୀବାସୀଙ୍କୁ କାଲୁବାଲୁ କଲେ ମଶା। ଯାହାକୁ ନେଇ ଅକଳରେ ପଡି ଯାଇଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। ଅଳିଆ ପକାଇବାକୁ ନେଇ ହରଡଘଣା ପଡିଥିବା ବିଏମ୍‌ସି ଏବେ ମଶାକୁ ନେଇ ଚିନ୍ତାରେ ପଡିଯାଇଛି। ତେଣୁ ମଶା ବଂଶ ଲୋପ୍? ପାଇଁ ଡ୍ରୋନ୍ ବ୍ୟବହାର କରିବାକୁ ବିଏମ୍‌ସି ବ୍ୟବସ୍ଥା କରୁଥିବା ଜଣାପଡିଛି।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ବେଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।


**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।


**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଡିସେମ୍ବର ୧୬**

# କରୋନା ଓ ଦାରିଦ୍ର୍ୟ



କରୋନା ମହାମାରୀ ଅବଧି ମଧ୍ୟରେ ବିଶ୍ୱରେ ଯେତେ ସଂଖ୍ୟକ ଗରିବ ସୃଷ୍ଟି ହୋଇଛନ୍ତି ସେଥିରୁ ୬୦ପ୍ରତିଶତ କେବଳ ଭାରତର। ଏକଥା ଆମେରିକାର ଏକ ଗବେଷଣା ସଂସ୍ଥା ମତ ଦେଇଛି। ଫଳସ୍ୱରୂପ ଏହି ସମୟ ମଧ୍ୟରେ ମଧ୍ୟମ ବର୍ଗ ଜନସଂଖ୍ୟା ୩.୨ କୋଟି ହ୍ରାସ ପାଇଛି। ସେହିପରି ଗରିବଙ୍କ ସଂଖ୍ୟାରେ ସାଢେ ୭ କୋଟି ବୃଦ୍ଧି ପାଇଛି। ସୂଚନାଯୋଗ୍ୟ ଯେ, ମହାମାରୀ ପୂର୍ବରୁ ଦେଶରେ ମଧ୍ୟବର୍ଗ ସଂଖ୍ୟା ପ୍ରାୟ ୧୦ କୋଟି ଥିଲା। ସେହିପରି ଏହି ରିପୋର୍ଟ ଅନୁସାରେ ଦେଶର ଗ୍ରାମାଞ୍ଚଳରେ ଗରିବ ହାର ବୃଦ୍ଧିପାଇ ୧୫ପ୍ରତିଶତରେ ପହଞ୍ଚିଛି। ଏହାବ୍ୟତୀତ ସହରାଞ୍ଚଳରେ ଗରିବ ହାର ବୃଦ୍ଧିପାଇ ପ୍ରାୟ ୨୦ପ୍ରତିଶତରେ ପହଞ୍ଚିଛି। ସେହିପରି ମହାମାରୀ ଯୋଗୁଁ ଦେବାଳିଆ ଅଥବା ଋଣ ଶୁଝି ନ ପାରି ୧୬ ହଜାର ବ୍ୟକ୍ତି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଆତ୍ମହତ୍ୟା କରିଥିବା ଏହି ଲୋକଙ୍କ ମଧ୍ୟରେ ୯ ହଜାର ୧୪୯ ବେରୋଜଗାର ଥିବା ଜଣାପଡିଛି। ଏହି ଦାରିଦ୍ର୍ୟ ସାରା ବିଶ୍ୱର ଏକ ପ୍ରମୁଖ ସମସ୍ୟା। କ୍ରମାଗତ ଭାବେ ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ବୃଦ୍ଧି ପାଉଥିଲେ ମଧ୍ୟ ବିଶ୍ୱରେ ଦାରିଦ୍ର୍ୟତାର ପ୍ରଭାବ ଅତୁଟ ରହିଛି।

ଏହି କଥାକୁ ଲକ୍ଷ୍ୟ ରଖି ୧୯୮୭ରୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖରେ ପାଳିତ ହେଉଛି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ। ଦାରିଦ୍ର୍ୟ, କ୍ଷୁଧା, ହିଂସା ଓ ଭୟ ଦୂର କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଦାରିଦ୍ର୍ୟକୁ ଦୁଇଟି ଦୃଷ୍ଟି କୋଣରୁ ବିଚାର କାରାଯାଇଥାଏ। ପ୍ରଥମତଃ ଚରମ ବା ଉତ୍କଟ ଦାରିଦ୍ର୍ୟ ଓ ଦ୍ୱିତୀୟତଃ ଆପେକ୍ଷିକ ଦାରିଦ୍ର୍ୟ। ଯେଉଁ ଲୋକ ବଞ୍ଚି ରହିବା ପାଇଁ ଜୀବନର ମୌଳିକ ଆବଶ୍ୟକତାକୁ ପୂରଣ କରିପାରନ୍ତି ନାହିଁ, ସେମାନଙ୍କ କ୍ଷେତ୍ରରେ ଚରମ ବା ଉତ୍କଟ ଦାରିଦ୍ର୍ୟ ଦେଖାଯାଏ ବୋଲି କୁହାଯାଏ। ସର୍ବନିମ୍ନ ଖାଦ୍ୟ, ବସ୍ତ୍ର, ବାସଗୃହ ଭିତ୍ତିରେ ଚରମ ଦାରିଦ୍ର୍ୟ ନିର୍ଣ୍ଣୟ ହୋଇଥାଏ। ଏଗୁଡିକର ନିରୂପିତ ମୂଲ୍ୟଠାରୁ କମ୍ ଖର୍ଚ୍ଚ କରିଥିବା ଲୋକମାନଙ୍କୁ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି ବୋଲି ଧରାଯାଏ। ଆପେକ୍ଷିକ ଦାରିଦ୍ର୍ୟର ଅର୍ଥ ଭିନ୍ନ। ଯେତେବେଳେ ଦୁଇଜଣ ବ୍ୟକ୍ତି ବା ଦୁଇ ଗୋଷ୍ଠୀର ଲୋକମାନଙ୍କର ଆର୍ଥିକ ସ୍ଥିତିକୁ ନେଇ ତୁଳନା କରାଯାଏ, ସେତେବେଳେ ଆମେ ଆପେକ୍ଷିକ ଦାରିଦ୍ର୍ୟ କଥା କହିଥାଉ। ତେଣୁ ଆପେକ୍ଷିକ ଦାରିଦ୍ର୍ୟ କହିଲେ ଆୟର ବୈଷମ୍ୟକୁ ବୁଝାଏ।

ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି।

ଭାରତ ଭଳି ବିକାଶମୁଖୀ ଦେଶମାନଙ୍କରେ ଦେଖାଦେଇଥିବା ଗଣଦାରିଦ୍ର୍ୟ କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍‌ନର ନରକ୍ସେ କହିଛନ୍ତି–'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ'। ଅନ୍ୟ ଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏହିଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା , ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି। ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡପିଛା ଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହାକି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶତରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ରୁ ୩୧.୮ ପ୍ରତିଶତକୁ, ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦ୍ରାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି।

ଦ୍ରାରିଦ୍ର୍ୟ ହିଁ କ୍ଷୁଧାର ପ୍ରମୁଖ କାରଣ । ନିକଟରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ବିଶ୍ୱର ୧୦୭ଟି ଦେଶକୁ ନେଇ କରାଯାଇଥିବା କ୍ଷୁଧା ସୂଚକାଙ୍କ ତାଲିକାରେ ଭାରତ ୯୪ତମ ସ୍ଥାନରେ ରହିଛି। ଏପରିକି ପଡୋଶୀ ବାଂଲାଦେଶ, ପାକିସ୍ଥାନ, ଶ୍ରୀଲଙ୍କା ଓ ନେପାଳଠାରୁ ବି ପଛରେ ରହିଛି ଆମ ଦେଶ। ଭାରତରେ ଏଭଳି ନୈରାଶ୍ୟ ପ୍ରଦର୍ଶନ ପାଇଁ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଓ ଉପଯୁକ୍ତ ତଦାରଖ ଅଭାବକୁ ଦାୟୀ କରାଯାଇଛି। ଏପରିକି ଭାରତର ଜନସଂଖ୍ୟାର ୧୪ ପ୍ରତିଶତ ଲୋକ କୁପୋଷଣର ଶିକାର ହେଉଛନ୍ତି ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି।

ଭବିଷ୍ୟତରେ ଦାରିଦ୍ର୍ୟର ରୂପରେଖ କ'ଣ ହେବ ତାହା ଏବେଠାରୁ ଆକଳନ କରିବା କଷ୍ଟସାଧ୍ୟ। ୯୦ ଦଶକ ପରେ ପ୍ରଥମଥର ପାଇଁ ଏହି ଆର୍ଥିକ ସଂକଟ ଦେଖିବାକୁ ମିଳିଛି। ଦେଶର ମଧ୍ୟମ ବର୍ଗ ହେଉଛନ୍ତି ବଡ ଉପଭୋକ୍ତା। ସେମାନଙ୍କ ସଂଖ୍ୟା ହ୍ରାସ ହେବା ଦେଶ ପାଇଁ ଶୁଭସୂଚନା ନୁହେଁ। ମହାମାରୀ ଦେଶରେ ଥିବା ଧନୀବର୍ଗଙ୍କ ଉପରେ ବିଶେଷ ପ୍ରଭାବ ପକାଇନାହିଁ। ଧନଶାଳୀ ବ୍ୟକ୍ତିଙ୍କ ସମ୍ପତ୍ତିରେ ୩୫ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ସର୍ବାଧିକ କୋଟିପତି ଥିବା ତାଲିକାରେ ଆମେରିକା, ଜର୍ମାନୀ, ଚୀନ୍, ଋଷ, ଫ୍ରାନ୍ସ ପରେ ଭାରତ ଷଷ୍ଠ ସ୍ଥାନରେ ରହିଛି। ତେଣୁ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ସଫଳତା ପାଇଁ ନୂତନ ଆର୍ଥିକ ସଂସ୍କାର ନୀତି ସହିତ ଗ୍ରାମ୍ୟ ଉନ୍ନୟନ ବିଶେଷକରି କୃଷି, କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ।

**ହିମାଂଶୁଶେଖର ଆଚାର୍ଯ୍ୟ**, ଅବସରପ୍ରାପ୍ତ ଅଧ୍ୟାପକ, ତିର୍ତ୍ତୋଲ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨

## ଆଜିର ଅନୁଚିନ୍ତା

*ବାଲି ଯେପରି ରୁକ୍ଷ ଓ କର୍କଶ, ଅଶିଷ୍ଟ ମନୁଷ୍ୟ ସେହିପରି ରୁକ୍ଷ ଓ କର୍କଶ ହୋଇଥାଏ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କାଶ୍ମିର ମାର୍ଗରେ ମେଘାଳୟ

**ସୌମେନ୍ଦ୍ର ଜେନା**



ଉତ୍ତର ପୂର୍ବାଞ୍ଚଳର ଏକ ଛୋଟ ଜନଜାତିବହୁଳ ରାଜ୍ୟ ମେଘାଳୟ । ମେଘର ଘର ବୋଲି କୁହାଯାଉଥିବା ଏହି ରାଜ୍ୟରେ ରହିଛି ଚେରାପୁଞ୍ଜି ପରି ସର୍ବାଧିକ ବୃଷ୍ଟିପାତ ହେଉଥିବା ଅଞ୍ଚଳ । ୨୧ ଜାନୁଆରୀ ୧୯୭୨ରେ ଆସାମ ରାଜ୍ୟରୁ ଖାସି, ଜୟନ୍ତିଆ ଏବଂ ଗାରୋ ପାର୍ବତ୍ୟାଞ୍ଚଳର ଦୁଇଟି ଜିଲ୍ଲାକୁ ଅଲଗା କରାଯାଇ ଏହି ରାଜ୍ୟର ଗଠନ କରାଯାଇଥିଲା । ୨୦୧୪ର ହିସାବ ଅନୁଯାୟୀ ୩୨ଲକ୍ଷ ୧୨ହଜାର ଜନସଂଖ୍ୟା ବିଶିଷ୍ଟ ଏହି ରାଜ୍ୟଟି ଉତ୍ତର ପୂର୍ବାଞ୍ଚଳର ଏକ ଖ୍ରୀଷ୍ଟିଆନବହୁଳ ରାଜ୍ୟ । ଏବେ ୧୨ ଜିଲ୍ଲାରେ ୬୦ଟି ବିଧାନସଭା ଏବଂ ୨ଟି ଲୋକସଭା ଆସନ, ୧ଟି ରାଜ୍ୟସଭା ଆସନ ରହିଛି । ଏହା ମାତୃପ୍ରଧାନ ରାଜ୍ୟ । ପରିବାରର ସାନଝିଅ ପରିବାରର ସଂପତ୍ତିର ମାଲିକାଣୀ ହେବା ସହ ପିତାମାତାଙ୍କ ଦାୟିତ୍ୱ ନେଇଥାଏ । ଇଂରେଜମାନେ ଏହାକୁ ପୂର୍ବର ସ୍କଟଲାଣ୍ଡ ବୋଲି କହୁଥିଲେ । ରାଜ୍ୟଟି ଯେମିତି ଛୋଟ ସେମିତି ଆଲୋଚନାରୁ ଦୂରରେ ରହିଛି । କିନ୍ତୁ ଏହାର ଶହେ ବର୍ଷର ଇତିହାସ କିପରି ରାଜ୍ୟର ସଦ୍‌ଭାବ ଓ ସଂସ୍କାରକୁ ବଦଳାଇ ଅରାଷ୍ଟ୍ରୀୟ, ଅସହିଷ୍ଣୁତା, ସଂଘର୍ଷ, ସନ୍ତ୍ରାସ ଆଡକୁ ନେଇଛି ତାହା ଦେଖିଲେ ଜଣାପଡିବ । କାଶ୍ମିରରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପରି ମେଘାଳୟର ହିନ୍ଦୁମାନେ ପୀଡିତ, ଅତ୍ୟାଚରିତ, ବାରମ୍ବାର ବିତାଡିତ ହୋଇ ଆସିଛନ୍ତି । ସ୍ଥାନୀୟ ଚର୍ଚ୍ଚ ଗୋଷ୍ଠୀର ବିଦେଶୀ ଅର୍ଥ ଓ ତତ୍ତ୍ୱର ପ୍ରୟାସକ୍ରମେ ଏବେ ବି ସେଠାରେ ଜାରିରହିଛି ବ୍ୟାପକ ଧର୍ମାନ୍ତରଣ । ଭାରତକୁ ପର୍ଯ୍ୟଟନର ଭିସାରେ ଆସୁଥିବା ବିଦେଶୀ ଲୋକେ ଉତ୍ତର ପୂର୍ବାଞ୍ଚଳରେ ଧର୍ମାନ୍ତରଣ , ସାମୂହିକ ଉତ୍ସବରେ ସାମିଲ ହେଉଥିବା କଥା ସାଧାରଣ । ନିକଟରେ ଆସାମ ସରକାର ଏହିପରି ଗୋଷ୍ଠୀର ପର୍ଯ୍ୟଟକଙ୍କୁ ଗିରଫ କରି ରାଜ୍ୟରୁ ବିତାଡିତ କରିଥିବା ଖବର ପ୍ରକାଶ ପାଇଥିଲା ।

ମେଘାଳୟ ରାଜ୍ୟ ୧୨ଟି ଜିଲ୍ଲାରେ ବିଭକ୍ତ । ସେଗୁଡିକ ହେଲା ରେସୁବେଲପରା, ୱିଲିୟମନଗର, ବାଘମାରା, ତୁରା , ଅମ୍ପାତି, ଜୋୱାଇ, ଖ୍ଲେହେରିଆତ୍, ଶିଲଂ, ନଙ୍ଗଷ୍ଟୋଏନ୍, ମାକିରୱାତ, ମୈରାଙ୍ଗ ଏବଂ ନଙ୍ଗ୍‌ପୋ । ଇଂରେଜ ଶାସନ କାଳରେ ଊନବିଂଶ ଶତାବ୍ଦୀରେ ମିଶନାରୀମାନେ ରାଜ୍ୟରେ ଧର୍ମାନ୍ତରଣର ମୂଳଦୁଆ ପକାଇଥିଲେ । ତା' ପୂର୍ବରୁ ଏଠାକାର ଜନଜାତି ଲୋକେ ପ୍ରକୃତି ପୂଜକ ରହିଥିଲେ । ୧୮୩୦ ବେଳକୁ ଆମେରିକାନ ବାପଟିଷ୍ଟ ଫରେନ ମିଶନାରୀ ସୋସାଇଟୀ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଅଧିକ ସକ୍ରୀୟ ହୋଇ ଧର୍ମାନ୍ତରଣକୁ ବ୍ୟାପକ କରିଥିଲା । ପରେ ୱେଲ୍‌ସ ପ୍ରେସବିଟାରିଆନ ମିଶନ ଚେରାପୁଞ୍ଜି ଅଞ୍ଚଳରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲା । ଏହାପରେ ବାପ୍‌ଟିଷ୍ଟ ମିଶନାରୀମାନେ କାର୍ଯ୍ୟକୁ ବ୍ୟାପକ କରିଥିଲେ । ରାଜ୍ୟର ଜନଜାତିଙ୍କ ମଧ୍ୟରୁ ୯୦ ପ୍ରତିଶତ ଗାରୋ, ୮୦ ପ୍ରତିଶତ ଖାସୀ, ୯୭ ପ୍ରତିଶତ ହାଜୋଙ୍ଗ, ୯୮ ପ୍ରତିଶତ କୋଚ ଏବେ ଧର୍ମାନ୍ତରିତ ଖ୍ରୀଷ୍ଟିଆନ ହୋଇଥିଲା ବେଳେ କେବଳ ରାଭା ଜନଜାତିର ୯୪ ପ୍ରତିଶତ ଲୋକ ହିନ୍ଦୁ ରହିଛନ୍ତି । ରୋମାନ କ୍ୟାଥୋଲିକ ଚର୍ଚ୍ଚର ରାଜ୍ୟବ୍ୟାପୀ ପ୍ରଭାବ ରହିଥିଲା ବେଳେ କ୍ୟାଥୋଲିକ ଖ୍ରୀଷ୍ଟିଆନ ସଂଖ୍ୟା ୯ଲକ୍ଷ ୫୦ ହଜାର ରହିଛି । ପ୍ରେସବିଟାରିଆନ୍ ଚର୍ଚ୍ଚ ଅଧିନରେ ପରିଚାଳିତ ଖାସୀ ଜୟନ୍ତିଆ ପ୍ରେସ୍‌ବିଟାରିଆନ୍ ଆସେମ୍ବ୍ଲିର ବିଶ୍ୱାସରେ ୭ଲକ୍ଷ ୫୦ହଜାର ଜନଜାତି ରହିଛନ୍ତି । ସେମିତି ବାପ୍‌ଟିଷ୍ଟ ଚର୍ଚ୍ଚ ଅଧିନସ୍ଥ ଗାରୋ ବାପ୍‌ଟିଷ୍ଟ କନ୍‌ଭେନସନରେ ୫ଲକ୍ଷ ଜନଜାତି ରହିଛନ୍ତି । ଚର୍ଚ୍ଚ ଅଫ୍ ଗଡ ନାମରେ ୧୯୦୨ରେ ଆରମ୍ଭ ହୋଇଥିବା ଏକ ସ୍ଥାନୀୟ ଚର୍ଚ୍ଚ ଅଧିନରେ ପ୍ରାୟ ୧ଲକ୍ଷ ଜନଜାତି ରହିଛନ୍ତି । ମେଘାଳୟର ଧର୍ମାନ୍ତରଣ ଇତିହାସକୁ ଦେଖିଲେ ଜଣାପଡିବ ଯେ ୧୮୩୦ରୁ ୧୯୦୨ ମଧ୍ୟରେ ରାଜ୍ୟରେ ଧର୍ମାନ୍ତରିତ ଖ୍ରୀଷ୍ଟିଆନ ୬୧୬ ପ୍ରତିଶତ ରହିଥିଲେ । ସେମିତି ଜନଗଣନା ହିସାବରେ ୧୯୦୧ରେ ମାତ୍ର ୨୧ହଜାର ଖ୍ରୀଷ୍ଟିଆନ ରାଜ୍ୟରେ ଥିଲା ବେଳେ ପରବର୍ତ୍ତୀ ସମୟରେ ବ୍ୟାପକ ଧର୍ମାନ୍ତରଣ ହୋଇଥିବା କଥା ପରବର୍ତ୍ତୀ ଜନଗଣନାର ହିସାବରୁ ଜଣାପଡିଥାଏ । ୧୯୧୧ରେ ୩୬,୬୯୯ (୭୫ ପ୍ରତିଶତ ବୃଦ୍ଧି), ୧୯୨୧ରେ ୪୮,୭୧୮ (୩୨.୮ ପ୍ରତିଶତ ବୃଦ୍ଧି), ୧୯୩୧ରେ ୭୫,୫୩୦ (୫୫ ପ୍ରତିଶତ ବୃଦ୍ଧି), ୧୯୬୧ରେ ୨୭୦,୯୧୦ (୮୧ ପ୍ରତିଶତ ବୃଦ୍ଧି), ୧୯୭୧ରେ ୪୭୫,୨୬୭ (୭୫.୪ ପ୍ରତିଶତ ବୃଦ୍ଧି),୧୯୮୧ରେ ୭୦୨,୮୫୪ (୪୭.୯ ପ୍ରତିଶତ ବୃଦ୍ଧି), ୧୯୯୧ରେ ୧୧,୪୬,୦୯୨(୬୩.୧ ପ୍ରତିଶତ ବୃଦ୍ଧି), ୨୦୦୧ରେ ୧୬ ,୨୮,୯୮୬ (୪୨.୧ ପ୍ରତିଶତ ବୃଦ୍ଧି), ୨୦୧୧ରେ ୨୨,୧.୦୨୭ (୩୫.୯ ପ୍ରତିଶତ ବୃଦ୍ଧି) ହୋଇଛି । ୧୯୦୧ର ୬.୧୬ ପ୍ରତିଶତ ଖ୍ରୀଷ୍ଟିଆନ ଜନସଂଖ୍ୟା ୧୯୫୧ରେ ୨୪.୬୬ ପ୍ରତିଶତ ହୋଇଥିଲା । ଯାହା ୨୦୧୧ ବେଳକୁ ୭୪.୫୯ ପ୍ରତିଶତରେ ପହଞ୍ଚିଥିଲା । ଖାସୀ ଜନଜାତି ୮୩.୧୪ ପ୍ରତିଶତ ଏବଂ ଗାରୋ ଜନଜାତି ୯୫.୮୬ ଏବେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଅଣ-ଜନଜାତିଙ୍କ ମଧ୍ୟରେ ୪୧୧,୦୨୮ ଲୋକଙ୍କ ମଧ୍ୟରୁ ୫୫,୧୪୦ ଖ୍ରୀଷ୍ଟିଆନଙ୍କ ମଧ୍ୟରେ ନେପାଳୀ ଏବଂ ବଙ୍ଗାଳୀ ଲୋକେ ଅଧିକ ରହିଛନ୍ତି । ଏବେ ଶିଲଂ ଏବଂ ଗ୍ରାମାଞ୍ଚଳରେ ଥିବା ମିଶନାରୀମାନେ ରାଜ୍ୟକୁ ଶହେ ପ୍ରତିଶତ ଖ୍ରୀଷ୍ଟିଆନ ରାଜ୍ୟ କରିବା ଲକ୍ଷ୍ୟରେ ବ୍ୟାପକ ଧର୍ମାନ୍ତରଣ ଚଳାଇଛନ୍ତି । ଏହାକୁ ଗ୍ରହଣ କରୁନଥିବା ଲୋକଙ୍କୁ ଯାବତୀୟ ପ୍ରତାଡନାର ଶିକାର ହେବାକୁ ପଡୁଛି ।

କାଶ୍ମିର ଘାଟୀରେ ହିନ୍ଦୁମାନେ ସଂଖ୍ୟାଲଘୁ ହେବାପରେ ଯେପରି ପ୍ରତାଡନାର ଶିକାର ହୋଇ ଆସିଛନ୍ତି ଠିକ୍ ସେହିପରି ଘଟିଛି ମେଘାଳୟରେ । ଧର୍ମାନ୍ତରଣ ବ୍ୟକ୍ତିଙ୍କୁ କିପରି ରାଷ୍ଟ୍ରାନ୍ତରିତ କରିଥାଏ ତାହା ଏଠାରେ ବେଶ୍ ସ୍ପଷ୍ଟ । ୨୦୧୯ରେ ନେସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି)ରୁ ଗଣେଶ ମୂର୍ତ୍ତିକୁ ଖ୍ରୀଷ୍ଟିଆନମାନେ ବାହାର କରି ଦେଇଥିଲେ। ୧୯୭୯ରୁ ଏହି ଧାରା ହିଂସାତ୍ମକ ରୂପ ନେଇଆସିଛି । ଏହାପଛରେ ଚର୍ଚ୍ଚଗୋଷ୍ଠୀର ଉସ୍‌କାଣ ଏବଂ ରାଜନୀତି ରହିଆସିଛି ।

କିନ୍ତୁ ରାଜ୍ୟ ଗଠନ ପୂର୍ବରୁ ଖ୍ରୀଷ୍ଟିଆନ ପାଦ୍ରୀମାନେ ହିନ୍ଦୁ ଜନଜାତିଙ୍କ ଧାର୍ମିକ ପୂଜାକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଖ୍ରୀଷ୍ଟିଆନମାନଙ୍କୁ ହିଂସା ପାଇଁ ପ୍ରୋତ୍ସାହିତ କରି ଆସୁଥିଲେ। ଏହିପରି କ୍ରମାଗତ ଘଟଣାମାନ ସେଠାରେ ଘଟିଆସିଥିଲେ ମଧ୍ୟ ଜାତୀୟ ଗଣମାଧ୍ୟମରେ ଏସବୁ ସ୍ଥାନ ପାଇପାରୁନାହିଁ। ୧୯୭୯ରେ ଶିଲଂ ସହରର ନିକଟବର୍ତ୍ତୀ ଲାଇତୁମ୍‌ଖ୍ରାଠାରେ ଏକ କାଳିପୂଜା ପେଣ୍ଡାଲରେ ପ୍ରବେଶକରି ଖ୍ରୀଷ୍ଟିଆନ ଗୋଷ୍ଠୀ କାଳିମୂର୍ତ୍ତିକୁ ଭାଙ୍ଗିଥିଲେ । ହିନ୍ଦୁମାନେ ସେହି ଘଟଣାର ବିରୋଧ କରିବା ପରେ ଖ୍ରୀଷ୍ଟିଆନ ଖାସୀ ଗୋଷ୍ଠୀର ଲୋକେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କଲେ । ଏପରିକି ଜନଜାତି ଗ୍ରାମସଭା (ଦରବାର ସ୍ନୋନୋଙ୍ଗ୍)ରେ ହିନ୍ଦୁ ବ୍ୟବସାୟୀମାନଙ୍କୁ ଦୋକାନ -ବଜାର ବନ୍ଦ କରିବାକୁ ଅର୍ଥଦଣ୍ଡ ଜାରିହେଲା । ଖାସୀ ଗୃହମାଲିକଙ୍କୁ ହିନ୍ଦୁ ଭଡାଟିଆଙ୍କୁ ଘରୁ ତଡିଦେବା ଲାଗି କୁହାଗଲା । ହିନ୍ଦୁମାନଙ୍କୁ ମନ୍ଦିର ଛଡା ଅନ୍ୟ କୌଣସି ସ୍ଥାନରେ ପୂଜା କରିବାକୁ ବାରଣ କରାଗଲା । ଏହି ଆକ୍ରମଣରେ ଅନେକ ହିନ୍ଦୁଙ୍କ ଘର ଲୁଟ୍ ହେଲା । ଦୋକାନଘରେ ନିଆଁ ଲଗାଇ ଦିଆଗଲା । ହିନ୍ଦୁମାନଙ୍କୁ ହତ୍ୟା କରାଗଲା । ଭାରତ-ବଙ୍ଗଳାଦେଶ ସୀମା ନିକଟସ୍ଥ ଲାଇଟଲିଂକୋଟ ଗ୍ରାମ ନିକଟରେ ଶିଲଂ- ଦାୱ୍କୀ ସଡକ ଉପରେ ଏକ ଚଳନ୍ତା ବସ୍ ଭିତରୁ ୮ଜଣ ହିନ୍ଦୁଙ୍କୁ ଟାଣିଆଣି ପଥରମାଡ କରି ହତ୍ୟା କରାଯାଇଥିଲା । ଏହି ଘଟଣା ପରେ ପ୍ରାୟ ୨୦ହଜାର ହିନ୍ଦୁଲୋକ ଅଞ୍ଚଳ ଛାଡି ଚାଲିଯାଇଥିଲେ । କିନ୍ତୁ ସବୁଠୁ ଚକିତ ହେବାର କଥା ହେଲା ଯେ ଏହିସବୁ ଘଟଣା ସତ୍ତ୍ୱେ ଆଜିଯାଏ ଜଣେ ବି କେହି ବ୍ୟକ୍ତି (ହିନ୍ଦୁ ବିରୋଧୀ)ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡ ପ୍ରଦାନ ହୋଇନାହିଁ । ଅଣହିନ୍ଦୁମାନଙ୍କୁ ବାହାର ଲୋକ ବା ଡାକାର ବୋଲି କୁହାଯାଇ ସେମାନଙ୍କ ବିରୋଧରେ ହିଂସାକାଣ୍ଡ ଜାରି ରହିଛି । ଖାସୀ ଷ୍ଟୁଡେଣ୍ଟସ୍ ୟୁନିଅନ ନାମକ ସଂଗଠନ ଅଣହିନ୍ଦୁମାନଙ୍କୁ ରାଜ୍ୟରୁ ତଡିବାକୁ ଏକ ଯୋଜନାବଦ୍ଧ ସନ୍ତ୍ରାସୀ ଉପାୟ ଅବଲମ୍ବନ କରିଆସିଛି । ସମୟେ ସମୟେ ସେମାନଙ୍କ ବିରୋଧରେ ଅନୁପ୍ରବେଶକାରୀ ଆନ୍ଦୋଳନ ଆହ୍ୱାନ ଦିଆଯାଇ ସେମାନଙ୍କୁ ଜୋରକରି ଅଞ୍ଚଳରୁ ତଡା ଯାଇଛି । କାଶ୍ମିର ସନ୍ତ୍ରାସବାଦୀମାନଙ୍କର କାଶ୍ମିର ଘାଟୀରେ ଅଣ-କାଶ୍ମିରୀ ଲୋକଙ୍କ ବିରୋଧରେ ଯେପରି ଷଡଯନ୍ତ୍ର ଜାରିରହିଛି ଏହି ଷଡଯନ୍ତ୍ର ଠିକ୍ ସେହି ପ୍ରକାରର । ରାଜ୍ୟରେ ବଙ୍ଗଳାଦେଶୀ ମୁସଲିମଙ୍କ ସଂଖ୍ୟା ଢେର ବଢିଥିଲେ ମଧ୍ୟ ଖାସୀମାନଙ୍କ ଷଡଯନ୍ତ୍ର କେବଳ ହିନ୍ଦୁମାନଙ୍କୁ ଟାର୍ଗେଟ କରି ଚାଲିଆସିଛି ।

୧୯୯୦ ଦଶକର ଆରମ୍ଭରୁ ରାଜନେତାମାନଙ୍କ ହାତବାରିସୀ ଭାବେ ଏଠାକାର ସନ୍ତ୍ରାସବାଦୀ ଗୋଷ୍ଠୀ କାର୍ଯ୍ୟ ଆରମ୍ଭ କଲେ । ହିନ୍ଦୁ ବ୍ୟବସାୟୀଙ୍କଠାରୁ ଜୋର୍ କରି ଚାନ୍ଦା ଆଦାୟ କରିବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ରହିଲା । ଏପରିକି ପ୍ରାଧ୍ୟାପକ, ଡାକ୍ତର, ଓକିଲ, ସରକାରୀ କର୍ମଚାରୀମାନଙ୍କଠାରୁ ମଧ୍ୟ ଜୋର୍ କରି ଏମାନେ ଚାନ୍ଦା ଆଦାୟ କରିବାକୁ ଲାଗିଲେ । ରାଜ୍ୟର ସରକାରୀ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନଗୁଡିକରେ ଯୀଶୁଙ୍କ ଫଟୋ ସ୍ଥାନ ପାଉଥିଲା ବେଳେ ଡାକ୍ତରଖାନା ରୋଗୀଙ୍କୁ ବାଇବେଲ ପଢିବାକୁ ବାଧ କରାଯାଇ ସେମାନଙ୍କୁ ବାଇବେଲ କପି ଧରାଇ ଦିଆଗଲା । ସରକାରୀ ଡାକ୍ତରଖାନା, ଶିଲଂରେ ଆଜି ମଧ୍ୟ ଏହା ଏକ ସାଧାରଣ ବିଷୟ ।

ଚଳିତ ବର୍ଷ ୨୦ ଜାନୁଆରୀ ୨୦୨୨ ତାରିଖ ଦିନ ଶିଲଂ ସହରର ଖ୍ଣ୍ଡାଇଲାଡଠାରେ ୧୯୭୯ ହିନ୍ଦୁ ଗଣହତ୍ୟା, ୧୯୮୭ ହିଂସା ବିରୋଧରେ ଶୋଭାଯାତ୍ରା ଚାଲିଥିଲା ବେଳେ ଲୁମଡିଏନ୍‌ଗ୍ରୀ ପୁଲିସ ଥାନା ସମ୍ମୁଖରେ ଖ୍ରୀଷ୍ଟିଆନ ଗୋଷ୍ଠୀ ଆକ୍ରମଣ କରିଥିଲେ । ଯେଉଁଥିରେ ଦୁଇ ମୁସଲିମଙ୍କ ସମେତ ତିନିଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ।

କାଶ୍ମିରରେ ୩୭୦ଧାରା ଥିବା ସମୟର ଆଇନ ପରି ମେଘାଳୟରେ ମେଘାଳୟ ରାଜ୍ୟର ବାହାର ଲୋକଙ୍କୁ ଇନରଲାଇନ୍ ପରମିଟ୍ ସିଷ୍ଟମ-୧୮୭୩ ଅନୁଯାୟୀ ପ୍ରବେଶାଧିକାର ଦେବାକୁ ମେଘାଳୟର ୧୭ଟିକିଆ ସଂଗଠନ କନ୍‌ଫେଡେରେସନ ଅଫ୍ ମେଘାଳୟ ସୋସିଆଲ ଅର୍ଗାନାଇଜେସନ ଦାବି କରି ଆସୁଛି । ୨୦୨୦ ଫେବୃଆରୀ ୨୮ରେ ସିଏଏ ବିରୋଧୀ ଆନ୍ଦୋଳନ ବେଳେ ଜଣେ ଖାସୀ ଷ୍ଟୁଡେଣ୍ଟସ ୟୁନିଅନର ସମର୍ଥକ ଲୁର୍ସାଇ ହିନ୍ନିୱତାରର ହିଂସାକାଣ୍ଡରେ ମୃତ୍ୟୁପରେ ଖାସୀ ଷ୍ଟୁଡେଣ୍ଟସ ୟୁନିଅନ ଏଥିପାଇଁ ହିନ୍ଦୁଙ୍କୁ ଦାୟୀ କରି ସହରସାରା ବ୍ୟାନର ଟାଙ୍ଗିବା ଦେଖାଯାଇଥିଲା । ଏହାପରେ ବଙ୍ଗଳାଦେଶ ସୀମାବର୍ତ୍ତୀ ଭୋଳାଗଞ୍ଜ ଏବଂ ଇଛାମତି ଅଞ୍ଚଳରେ ହିନ୍ଦୁ ମହିଳା ଏବଂ ଶିଶୁମାନଙ୍କୁ ଖ୍ରୀଷ୍ଟିଆନ ଗୋଷ୍ଠୀ ହଇରାଣ ହରକତ କରିବା ଅଭିଯୋଗ ହୋଇଥିଲା । ଏହି ଖାସୀମାନଙ୍କ ସ୍ଲୋଗାନ ହେଲା "ଆମେ ରକ୍ତରେ ଖାସୀ, ଦୁର୍ଘଟଣାବଶତଃ ଭାରତୀୟ।" ଏହି ସ୍ଲୋଗାନ ଲେଖାର ବ୍ୟାନର ଶିଲଂ ସହରରେ ଲାଗିଥିବା ଦେଖାଯାଇଥାଏ। ଚଳିତବର୍ଷ ହିନ୍ନିଉଟ୍ରେପ ନେସନାଲ ଲିବରେସନ କାଉନସିଲ (ଏଚ୍‌ଏନ୍‌ଏଲ୍‌ସି) ପକ୍ଷରୁ ହିନ୍ଦୁମାନେ ଏକମାସ ମଧ୍ୟରେ ପୂର୍ବଖାସୀ ପାହାଡର ସେଲ୍ଲା ଅଞ୍ଚଳରୁ ମାସକ ଭିତରେ ବାହାରିଯିବା ପାଇଁ ଧମକ ଦେଇଥିଲା । ଏହାପରେ ଲୋକେ ଭୟଭୀତ ହୋଇ ଜଙ୍ଗଲ ମଧ୍ୟକୁ ପଳାଇଥିଲେ । ୨୫୦ ଲୋକଙ୍କୁ ଆସାମର ତଳ ଅଞ୍ଚଳରୁ ଆସାମ ସରକାର ଉଦ୍ଧାର କରିଥିଲେ । ଏହି ବିଷୟକୁ ସିଲଚର ସାଂସଦ ରାଜଦୀପ ରାୟ ସଂସଦରେ ମଧ୍ୟ ଉଠାଇଥିଲେ ।

୧୯୮୭ରେ ନେପାଳୀଙ୍କ ବିରୁଦ୍ଧରେ ଖ୍ରୀଷ୍ଟିଆନ୍ ଗୋଷ୍ଠୀଙ୍କ ଆକ୍ରମଣ ଯୋଗୁ ଶିଲଂରେ ଏକବର୍ଷ ଯାଏଁ କର୍ଫ୍ୟୁ ଲାଗି ରହିଥିଲା । ହଜାର ହଜାର ଲୋକଙ୍କ ଗୃହଦାହ ଯୋଗୁ ସେମାନେ ଅଞ୍ଚଳ ଛାଡିବାକୁ ବାଧ୍ୟ ହୋଇଥିଲେ । ଏହି ହିଂସାକାଣ୍ଡ ପଛରେ ଖାସୀ ଷ୍ଟୁଡେଣ୍ଟସ ୟୁନିଅନ ରହିଥିଲା । ୧୯୯୨ରେ ବିହାରୀ ଚାଷୀମାନଙ୍କୁ ଏହି ଗୋଷ୍ଠୀ ଟାର୍ଗେଟ କରି ସେମାନଙ୍କ ଗୋଶାଳାରେ ନିଆଁ ଲଗାଇ ଜିଅନ୍ତା ଗୋରୁମାନଙ୍କୁ ପୋଡି ମାରି ଦେଇଥିଲେ । ୨୦୧୮ରେ ଶିଖ ଦଳିତଙ୍କୁ ଟାର୍ଗେଟ କରାଯାଇଥିଲା । ୨୦୨୦ରେ ପଶ୍ଚିମ ଗାରୋ ହିଲସ୍ ଜିଲ୍ଲାର ମେରେଙ୍ଗାପଡାଠାରେ ନିର୍ମିତ କାଳିମନ୍ଦିରକୁ ଖ୍ରୀଷ୍ଟିଆନ ସନ୍ତ୍ରାସବାଦୀ ଗୋଷ୍ଠୀ ଭାଙ୍ଗି ଦେଇଥିଲେ । ୨୦୧୯ରେ ପୂର୍ବ ଖାସୀ ଜିଲ୍ଲା ଅନ୍ତର୍ଗତ କୋଙ୍ଗଥୋଙ୍ଗଠାରେ ହିନ୍ଦୁ ଜନଜାତିଙ୍କ ପୂଜାସ୍ଥଳୀକୁ ଖ୍ରୀଷ୍ଟିଆନ ଗୋଷ୍ଠୀ ନଷ୍ଟ କରିଥିଲେ । ଏହି ଘଟଣା ସମୟରେ ସ୍ଥାନୀୟ ପୁଲିସ ଏବଂ ମାଜିଷ୍ଟ୍ରେଟ ମଧ୍ୟ ଚୁପ୍ ହୋଇ ଛିଡା ହୋଇଥିଲେ । ଏହିସବୁ ଘଟଣାରୁ ମେଘାଳୟ କିପରି କାଶ୍ମିର ମାର୍ଗରେ ଯାଉଛି, ତାହା ଜଣାପଡୁଛି । ଏଥିପାଇଁ ସମସ୍ତେ ଚିନ୍ତା କରିବା ଆବଶ୍ୟକ ।

*–ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଭାରତୀୟ ଅର୍ଥନୀତି, ଷ୍ଟେଟ ବ୍ୟାଙ୍କ ଓ ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା




ବର୍ତ୍ତମାନର ସମୟ ଦେଖନ୍ତୁ ସମସ୍ତେ ଚାହୁଁଛନ୍ତି ଘରେ ବସି ହାତପାଆନ୍ତାରେ ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା ଯାହାକି ସେମାନଙ୍କୁ ବ୍ୟାଙ୍କ ଯିବା ଧାଁ ଧଉଡ ସମୟର ଅପଚୟରୁ ବଞ୍ଚାଇବ। ଭାରତୀୟ ଅର୍ଥନୀତିରେ ବ୍ୟାଙ୍କ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ପ୍ରତିଟି ବ୍ୟକ୍ତି ସମାଜ, ଗୃହ, ସର୍ବୋପରି ରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧିର ଶ୍ରେଷ୍ଠ ମାଧ୍ୟମ ହେଉଛି ବ୍ୟାଙ୍କ। ଆଜି ସମଗ୍ର ବିଶ୍ୱରେ ଭାରତର ବ୍ୟାଙ୍କଗୁଡ଼ିକ ନିଜର ଶ୍ରେଷ୍ଠତା ଅର୍ଜନ କରିଛନ୍ତି। ଆଜି ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ଯୁଗରେ ସମସ୍ତଙ୍କ ପାଖରେ ହାତପାଆନ୍ତରେ ରହୁଛି ସୂଚନା ପ୍ରଯୁକ୍ତିର ସର୍ବଶେଷ ସମସ୍ତ ଉପାଦେୟ ତଥ୍ୟ ଓ କୌଶଳ। ଡିଜିଟାଲ ବ୍ୟାଙ୍କିଙ୍ଗ ତ୍ୱରାନ୍ୱିତ ହେବାପରେ ଏହି ସୁବିଧା ଲୋକେ ଘରେ ବସି ପାଇପାରୁଛନ୍ତି। ଭାରତର ଅନ୍ୟତମ ସର୍ବବୃହତ୍ତ ନିର୍ଭରଯୋଗ୍ୟ ଓ ବିଶ୍ୱସ୍ତ ବ୍ୟାଙ୍କ ହେଉଛି ଭାରତୀୟ ଷ୍ଟେଟବ୍ୟାଙ୍କ। ସାଧାରଣରେ ବ୍ୟାଙ୍କରେ ବୋଇଲେ ଲୋକମାନେ ଷ୍ଟେଟ ବ୍ୟାଙ୍କକୁ ବୁଝନ୍ତି। ଭାରତୀୟ ଷ୍ଟେଟ ବ୍ୟାଙ୍କର କଟକ ମୁଖ୍ୟ ଶାଖାଠାରେ ଏକ ଡିଜିଟାଲ ଜୀବନ ପ୍ରମାଣପତ୍ର ପଞ୍ଜିକରଣ ଶିବିର ଆୟୋଜିତ ହୋଇଯାଇଛି। ପେନସନଭୋଗୀଙ୍କ ଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ଫେସ ଅଥେଂଟିକେସନ ଟେକ୍ନୋଲୋଜି ବ୍ୟବହାର କରାଯାଇ ଜୀବନ ପ୍ରମାଣପତ୍ର ବା ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇଥିଲା। ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ଏବଂ ଏସବିଆଇ କଟକ ମୁଖ୍ୟଶାଖା ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପେନସନଭୋଗୀଙ୍କୁ ଜୀବନ ପ୍ରମାଣପତ୍ର ଦାଖଲ ସୁବିଧା ପ୍ରଦାନ କରିବା ଲାଗି ଏହି ନୂଆ ପ୍ରୟାସ ଆରମ୍ଭ କରାଯାଇଛି। ପେନସନଭୋଗୀମାନେ ଜୀବନ ପ୍ରମାଣପତ୍ର ପୋର୍ଟାଲ ଜରିଆରେ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଫେସ ଅଥେଂଟିକେସନ ପ୍ରଯୁକ୍ତି ବ୍ୟବହାର କରି ମଧ୍ୟ ପେନସନଭୋଗୀମାନେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଏହାଛଡ଼ା ଆଣ୍ଡ୍ରଏଡ ଅପରେଟିଂ ସିଷ୍ଟମ ଥିବା ସ୍ମାର୍ଟ ଫୋନରେ ଜୀବନ ପ୍ରମାଣ ମୋବାଇଲ ଏପ୍ଲିକେସନ ମାଧ୍ୟମରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇପାରିବ।

ଭାରତର ସମସ୍ତ ବ୍ୟାଙ୍କ ଭିତରେ ପ୍ରଥମ ସ୍ଥାନରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଲୋକମାନଙ୍କୁ ସାମଗ୍ରୀକ ସୁବିଧା ସୁଯୋଗ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରଖିଛି। ଭାରତୀୟମାନଙ୍କର ଏକ ନିର୍ଭରଯୋଗ୍ୟ ବ୍ୟାଙ୍କ ଭାବେ ଷ୍ଟେଟ ବ୍ୟାଙ୍କ ବେଶ ପରିଚିତ। ଓଡ଼ିଶାରେ କଟକ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପ୍ରଗତି ଓ ଜନସାଧାରଣଙ୍କୁ ସାମଗ୍ରିକ ବ୍ୟାଙ୍କ ସ୍ୱାର୍ଥ ସୁବିଧା ଯୋଗାଇବାରେ ବିଶେଷ ଅଗ୍ରଗତି କରି ଗ୍ରାହକଙ୍କ ବିଶ୍ୱାସଭାଜନ ହେବାସହ ବ୍ୟାପକ ସହଯୋଗର ହାତ ବଢ଼ାଇଛି। କେନ୍ଦ୍ର ସରକାର ପେନସନଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଓ ସେମାନଙ୍କର ହାତପାଆନ୍ତାରେ ବ୍ୟାଙ୍କ ସେବା ସୁବିଧା ବ୍ୟାପକ ଉପଲବ୍ଧ କରୁଛନ୍ତି। ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାରେ ଭାରତ ସରକାରଙ୍କ ଦ୍ୱାରା ପେନସନଭୋଗୀଙ୍କ ପାଇଁ ଡିଜିଟାଲ ଲାଇଫ ସାର୍ଟିଫିକେଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପେନସନ ଓ ପେନସନ ୱେଲଫେୟାର ବିଭାଗର ଅଣ୍ଡର ସେକ୍ରେଟାରୀ ଶ୍ରୀ ବିଶାଲ କୁମାର, ଏଏସ୍‌ଓ ଅଂଶୁଳ ଶର୍ମା, ଇୱାଇଡିଆଇ (ଆଧାର)ର ଡେପୁଟି ଡାଇରେକ୍ଟର ଟି. ଚୈତନ୍ୟ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ସର୍ବବୃହତ୍ତ ଯୋଜନା ପେନସନଭୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ବୋଲି ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ପେନସନଭୋଗୀମାନେ ଜୀବନ ପ୍ରମାଣପତ୍ର ପୈଠ କରିପାରିବେ, ଯାହାଦ୍ୱାରା ସେମାନଙ୍କୁ ବ୍ୟାଙ୍କକୁ ଆସି ସେମାନଙ୍କର ମୂଲ୍ୟବାନ ସମୟର ଅପବ୍ୟୟ କରିବାକୁ ପଡ଼ିବନି। ଏହି ଅବସରରେ ଶତାଧିକ ପେନସନଭୋଗୀ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣପତ୍ର ପୈଠ କରିଥିଲେ। କାର୍ଯ୍ୟକ୍ରମକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାର ଉପମହାପ୍ରବନ୍ଧକ ସନ୍ତୋଷ କୁମାର ବେହେରା, ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକରୁ ଊର୍ଦ୍ଧ୍ୱ ଗ୍ରାହକ, ପେନସନଭୋଗୀ, ଅର୍ଥନୀତି ବିଶାରଦ, ପୂର୍ବତନ ବ୍ୟାଙ୍କ କର୍ମକର୍ତ୍ତା ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ସୂଚନାଥାଉକି କଟକ ମୁଖ୍ୟ ଶାଖା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଉପମହାପ୍ରବନ୍ଧକ ସନ୍ତୋଷ କୁମାର ବେହେରାଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ଶାଖା ଜନସାଧାରଣଙ୍କ ବିଶ୍ୱାସ ଜିତିବା ସହ କଟକ ସହରର ସମସ୍ତ ବ୍ୟାଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ଆଦର୍ଶନୀୟ ବ୍ୟାଙ୍କ ଶାଖା ପାଲଟିଛି। ଗ୍ରାହକମାନେ ତତ୍କାଳ ଓ ଉନ୍ନତମାନର ସେବା ପାଉଛନ୍ତି।

ଉପରୋକ୍ତ ଯୋଜନା ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବା ଲାଗି ଭାରତ ସରକାରଙ୍କ ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦ୍ର ସରକାରୀ ପେନସନଭୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ପ୍ରୋତ୍ସାହନ ଅଭିଯାନ ଆରମ୍ଭ କରାଯାଇଛି। ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ଦେଶର ୩୭ଟି ଏବଂ ଓଡ଼ିଶାର ୩ଟି ସହରରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ ଶିବିର ଆୟୋଜନ କରାଯାଉଛି। ଭୁବନେଶ୍ୱର, କଟକ ଏବଂ ବାଲେଶ୍ୱରଠାରେ ଏହି ସଚେତନତା ଶିବିର ଆୟୋଜିତ



ହେଉଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଭାରତୀୟ ଅର୍ଥନୀତିର ପ୍ରଗତି ପାଇଁ ଏକ ସର୍ବଶ୍ରେଷ୍ଠ ବ୍ୟାଙ୍କ ସେବା। କୋଟି କୋଟି ଜନସାଧାରଣଙ୍କ ବିଶ୍ୱସନୀୟ ହୋଇଛି ଭାରତୀୟ ଷ୍ଟେଟ ବ୍ୟାଙ୍କ। ସାଧାରଣରେ ଅର୍ଥନୀତିରେ ସଞ୍ଚୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦେଶର ପ୍ରଗତିରେ ଆମ ସମସ୍ତଙ୍କର ଉତ୍ତରଦାୟୀ ଭୂମିକା ରହିଛି। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଓ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ଦ୍ୱାରା ଭାରତୀୟ ଅର୍ଥନୀତି ସୁଦୃଢ଼ ହୋଇପାରିବ।

**ବିପିନ ଚନ୍ଦ୍ର ଚୌଧୁରୀ**, ଅବସରପ୍ରାପ୍ତ ଅର୍ଥପରାମର୍ଶଦାତା, ଆରବିଆଇ (ଏସବି ବ୍ୟୁରୋ) ୧୨୩, ଆଦିତ୍ୟ ବିହାର, ଶହୀଦ ନଗର, ଭୁବନେଶ୍ୱର




## ବିଧାନସଭା ଗୃହ କମିଟି ର କେନ୍ଦୁଝର ଗସ୍ତ,ଶିଳ୍ପ ସଂସ୍ଥା ପ୍ରଦୂଷଣ ନେଇ ଉଦ୍‌ବେଗ ପ୍ରକାଶ, ନଦୀକୁ ସିଧାସଳଖ ଛଡାଯାଉଛି କାରଖାନା ବର୍ଜ୍ୟବସ୍ତୁ, ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେବାକୁ ନିର୍ଦ୍ଦେଶ, କାର୍ଯ୍ୟକାରୀ ହେଉନି ଏସଟିପି

କେନ୍ଦୁଝର,(ପି.ଏନ): କାରଖାନା ପରିସରରେ ବାୟୁ ପ୍ରଦୂଷଣ ଯାଞ୍ଚ ପାଇଁ ଆସିଥିବା ବିଧାନସଭା ଗୃହ କମିଟି ର ସବକମିଟି-୩ ବିଭିନ୍ନ କାରଖାନା ପରିଦର୍ଶନ କରି ସେ ସବୁ ବିଷୟରେ ବୁଧବାର ଦରବାର ହଲ ଠାରେ ସମୀକ୍ଷା କରିଛନ୍ତି। କଳକାରଖାନା ପାଇଁ ପ୍ରଦୂଷଣ ସ୍ଥିତି ସଙ୍ଗିନ ହୋଇପଡିଛି। ଏହାକୁ ନେଇ କମିଟି ଉଦ୍‌ବେଗ ପ୍ରକାଶ କରିଛି। କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଦରବାର ହଲରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କମିଟି ର ଅଧ୍ୟକ୍ଷ ତଥା ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର,ସଦସ୍ୟ ଶାସକ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଏବଂ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ସମେତ ଜିଲ୍ଲାପାଳ ଆଶିଷ ଠାକ୍‌ରେ,ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ,ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର,ଡିଡିଏମ କେନ୍ଦୁଝର ଅସିତ କୁମାର ବେହେରା,ଡିଡିଏମ୍ ଯୋଡା ଦିନେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ବିଭନ୍ନ କମ୍ପାନୀର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବହୁ କମ୍ପାନୀ କାରଖାନା ପରିସରରେ ସବୁଜ ବଳୟ ସୃଷ୍ଟି କରିନଥିବାରୁ ବାୟୁ ପ୍ରଦୂଷଣ ରୋକାଯାଇ ପାରୁନଥିବାରୁ ପ୍ରଦୂଷଣ ବଢୁଥିବାରୁ କମିଟିର ଅଧ୍ୟକ୍ଷ ବଦ୍ରୀନାରାୟଣ ପାତ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। କାରଖାନା ଚର୍ତ୍ତୁପାର୍ଶ୍ୱ ରେ ରହୁଥିବା ଗ୍ରାମବାସୀ ସ୍ୱଚ୍ଛ ବାୟୁ ପାଉନଥିବାବେଳେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବର୍ଷା ଜଳ କାରଖାନା ଭିତରୁ ବାହାରି ବର୍ଜ୍ୟଜଳ ନଦୀନାଳ ପ୍ରଦୂଷିତ କରୁଛି। କାରଖାନା ନିକଟରେ ଥିବା ଗ୍ରାମରେ କଳାଗଣ୍ଡ ପଡୁଛି। ଫଳରେ ଚାଷ କାର୍ଯ୍ୟ ବ୍ୟାଘାତ ହେଉଥିବାରୁ ଶ୍ରୀ ପାତ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। କାରଖାନା ଭିତରେ ଥିବା ରାସ୍ତା କଂକ୍ରିଟ ହୋଇନଥିବା ଏବଂ ନିୟମିତ ସଫେଇ ହେଉନଥିବାରୁ ବାୟୁ ପ୍ରଦୂଷଣ ବଢୁଛି। ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଲୋକଙ୍କ ଅଭିଯୋଗ ଉପରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଗୃହ କମିଟିର ସଦସ୍ୟ ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ପରିବେଶ କମିଟି ନିୟମିତ ଏହାର ତଦାରଖ କରିବାକୁ ପରାମର୍ଶ ଦେଇଥିଲେ। କାରଖାନାରେ ସର୍ଫେସ ରନ ଅଫ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଆରଟିପି) ନଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ବର୍ଜ୍ୟବସ୍ତୁ ଗଚ୍ଛିତ ସ୍ଥାନରେ ରଟେନିଂ ୱାଲଗାରଲାଣ୍ଡ ଡ୍ରେନ ଏବଂ ସେଟଲିଙ୍ଗ ପଣ୍ଡ ନଥିବାରୁ କାରଖାନାର ବର୍ଜ୍ୟଜଳ ସିଧାସଳଖ ନିକଟସ୍ଥ ନଦୀନାଳରେ ମିଶୁଛି। କାରଖାନା ଭିତରେ କାମ କରୁଥିବା କର୍ମଚାରୀ ଏବଂ ଶ୍ରମିକ ଅତି ଦୟନୀୟ ଭାବେ ପ୍ରଦୂଷଣରେ କାମ କରୁଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ନିୟମିତ ଯାଞ୍ଚ କରି ପଦକ୍ଷେପ ନେବାକୁ କହିଥିଲେ। ବହୁ କାରଖାନାରେ ଶ୍ରମିକ ମାନେ ବିପଦଜନକ ଭାବେ କାମ କରୁଥିଲେ ମଧ୍ୟ ସେମାନଙ୍କୁ ସର୍ବନିମ୍ନ ମଜୁରୀ ମିଳୁନଥିବା କହିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଏହାର ଯାଂଚ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ଶିଳ୍ପ ସଂସ୍ଥା ଗୋଟିଏ ଗୋଟିଏ ପଞ୍ଚାୟତକୁ ପୋଷ୍ୟ ଭାବେ ନେବାକୁ ପରାମର୍ଶ ଦେଇଥିଲେ। ପ୍ରଦୂଷଣ ସୃଷ୍ଟି କରୁଥିବା କାରଖାନା ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମୁଦୁଲି କହିଥିଲେ। ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ପ୍ରଦୂଷଣ ବିଶ୍ୱ କୁ ଗ୍ରାସ କରିଥିବାରୁ ଏହାକୁ ଏବେ ଠାରୁ ସମାଧାନ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପ୍ରଦୂଷଣ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ପ୍ରଦୂଷଣ ନିରାକରଣ ପାଇଁ ସମସ୍ତ ଶିଳ୍ପସଂସ୍ଥା ଦାୟିତ୍ୱବାନ ହେବା ଉଚିତ ବୋଲି କହିଥିଲେ। କାରଖାନା ଗୁଡିକରେ ପ୍ରଦୂଷଣ କାରଣରୁ ଶ୍ରମିକ ଏବଂ କର୍ମଚାରୀ ପ୍ରଭାବିତ ହେଉଛନ୍ତି। କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକ୍‌ରେ ନେରୀ ରିପୋର୍ଟ ସଠିକ୍ ଭାବରେ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଖିଲାପ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ଡିଏମ୍ଏଫ୍ ଫଣ୍ଡରେ ରାସ୍ତା ଘାଟ,ପାନୀୟଜଳ,ସ୍କୁଲ ଆଦି କାମ କରୁଥିବାବେଳେ ପ୍ରତ୍ୟେକ କମ୍ପାନୀ ସିଏସ୍ଆରରେ ଲୋକଙ୍କ ବିଭିନ୍ନ ପ୍ରକଳ୍ପ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶ୍ରମ ବିଭାଗ,ଜଙ୍ଗଲ ବିଭାଗ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହାର ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଜିଲ୍ଲାପାଳ କହିଥିଲେ। ଏତଦବ୍ୟତୀତ ଶିଳ୍ପ ସଂସ୍ଥା ମାନେ କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କୁ ମୌଳିକ ସୁବିଧା ସହ ସୁରକ୍ଷା ଉପକରଣ ଦିଆଯାଉଛି କି ନାହିଁ ତାହାର ଯାଞ୍ଚ କରି ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ପ୍ରଦୂଷଣ ଖିଲାପ କରୁଥିବା ଶିଳ୍ପ ସଂସ୍ଥା ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମୀକ୍ଷା ବୈଠକରେ କହିଥିଲେ। ଯେଉଁ ଶିଳ୍ପ ସଂସ୍ଥା ପ୍ରଦୂଷଣ ଖିଲାପ କରିଛନ୍ତି ସେମାନଙ୍କ କାରଣ ଦର୍ଶାଅ ନୋଟିସ ଜାରୀ କରାଯାଇଛି। ରେଲୱେ ସାଇଡିଂ କୁ ସଂଯୋଗ କରୁଥିବା ରାସ୍ତାରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ। ଏହି ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗର ପଦାଧିକାରୀଙ୍କ ସମେତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଉପ ପରିବେଶ ଯନ୍ତ୍ରୀ ଇଂ ଦେବଦତ୍ତ ମହାନ୍ତି,ଇଂ ନିବେଦିତା ଦାସ ବେବର୍ତ୍ତା,ସହକାରୀ ପରିବେଶ ବିଜ୍ଞାନୀ ଇପସି ଗିରି ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସବିଶେଷ ରପୋର୍ଟ ବାଚସ୍ପତିଙ୍କୁ ପ୍ରଦାନ କରିବ ବୋଲି କମିଟି ଅଧ୍ୟକ୍ଷ ବଦ୍ରୀନାରାୟଣ ପାତ୍ର ସୂଚନା ଦେଇଛନ୍ତି।

## ବିନା ସୂଚନା ଫଳକରେ ଚାଲିଛି ଉନୟନ ପ୍ରକଳ୍ପ

ଘଟଗାଁ,(ପି.ଏନ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରୀ ଅନୁଦାନରେ ଯେକୌଣସି ସ୍ଥାନରେ ହେଉଥିବା ପ୍ରକଳ୍ପ କାମ ଆରମ୍ଭ ପୂର୍ବରୁ କାର୍ଯ୍ୟ ସଂପୂର୍ଣ୍ଣ ବିବରଣୀ ସୂଚନା ଫଳକରେ ଲିପିବଦ୍ଧ ହେବାର ନିୟମ ରହିଛି । କିନ୍ତୁ ଉକ୍ତ ନିୟମକୁ କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ଘଟଗାଁ ବ୍ଲକସ୍ଥିତ ଗ୍ରାମ ପଂଚାୟତ ଗୁଡିକରେ ନିୟମକୁ ଉଲ୍ଲଘଂନ କରି କାର୍ଯ୍ୟ କରୁଥିବା ଗୁରୁତର ଅଭିଯୋଗ ହୋଇଛି । ଏପରିକି କାର୍ଯ୍ୟ ସଂପୂର୍ଣ୍ଣ ହେବାର ୬ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସୂଚନା ଫଳକରେ ଲିପିବଦ୍ଧ ହୋଇନଥିବା ନେଇ ପଂଚାୟତବାସୀଙ୍କୁ ସନ୍ଦେହ ସୃଷ୍ଟି କରିଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ କ୍ରମେ ଜନ ସାଧାରଣଙ୍କ ସୁବିଧା ନିମନ୍ତେ ବିଭିନ୍ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବିନିମୟରେ ନରେଗା ଠାରୁ ଆରମ୍ଭ କରି ସିଏଫସିଓ ଏଫସିଏମ୍ଏଲ୍ ଏଗ୍ରାଣ୍ଟ୍ ଓଡିଏମ୍ଏଫ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସବୁଠାରୁ ବେଶି ଗୁରୁତର ଅଭିଯୋଗ ହୁଏ ନରେଗା ଯୋଜନା (ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା)ରେ ହେଉଥିବା ପ୍ରକଳ୍ପରେ ।ଉକ୍ତ କାର୍ଯ୍ୟ ଗୁଡିକ ଶ୍ରମିକମାନଙ୍କ ଦ୍ୱାରା କରାନଯାଇ ମେସିନରେ କରାଯାଇ ଅର୍ଥ ହେରଫେର କରାଯାଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ କ୍ଷେତ୍ରରେ ପଦକ୍ଷେପ ନିଆଯାଉନାହିଁ । କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଜନସାଧାରଣଙ୍କ ଜାଣିବା ପାଇଁ ସୂଚନା

## ପୂର୍ବତଟ ରେଳପଥ ପକ୍ଷରୁ ୪୯ ତମ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ




ଭୁବନେଶ୍ୱର,(ପିଏନ):ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ଆର ଏନ ସୁନକରଙ୍କ ଅଧ୍ୟକ୍ଷତାରେ ୪୯ ତମ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ପ୍ରମୁଖ ବିଭାଗୀୟ ଅଧିକାରୀବୃନ୍ଦ , ଖୋର୍ଦ୍ଧା ରୋଡ, ସମ୍ବଲପୁର, ୱାଲଟିୟର ଡିଭିଜନ ଏବଂ ମଞ୍ଚ ?ଶ୍ୱର ରେଳ ଡବା ମରାମତି କାରଖାନାର ରାଜଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ ।ମହାପ୍ରବନ୍ଧକ ଶ୍ରୀ ସୁନକର ଏହି ବୈଠକକୁ ସମ୍ବୋଧିତ କରି ରେଳ କର୍ମଚାରୀଙ୍କୁ ନୈନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାର କରିବାକୁ ପରାମର୍ଶ କରିଥିଲେ। ସେ ଆହୁରି ମଧ୍ୟ ପରାମର୍ଶ ଦେଇଛନ୍ତି ଯେ ହିନ୍ଦୀରେ ତାଲିମ ପ୍ରାପ୍ତ କର୍ମଚାରୀମାନେ ରାଜଭାଷାରେ ଅଧିକରୁ ଅଧିକ କାମ କରିବା ଉଚିତ୍ ।ଏହି ଅବସରରେ ମହାପ୍ରବନ୍ଧକ ଶ୍ରୀ ସୁନକର ମହାନ ହିନ୍ଦୀ ସାହିତ୍ୟିକମାନଙ୍କର ପ୍ରଭାବଶାଳୀ ଉଦ୍ଧୃତି ସମ୍ବନ୍ଧୀୟ ପୋଷ୍ଟରଗୁଡିକ ଉନ୍ମୋଚନ କରିଥିଲେ। ସେ ହିନ୍ଦୀ ଲେଖକମାନଙ୍କ ଉପରେ ଆଧାରିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ ।ଏହି ଅବସରରେ ମୁଖ୍ୟ ରାଜଭାଷା ଅଧିକାରୀ ଏବଂ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଶ୍ରୀ ଆର ଏସ୍ ମିତ୍ର ରାଜଭାଷାର ସଫଳ କାର୍ଯ୍ୟକାରିତା ପାଇଁ ରେଳ କର୍ମଚାରୀଙ୍କ ସହୃଦୟ ସହଯୋଗ କାମନା କରିଥିଲେ ।ଏହି ବୈଠକରେ ଉପ ମୁଖ୍ୟ ରାଜଭାଷା ଅଧିକାରୀ ଏବଂ ଉପ ମୁଖ୍ୟ ଅପରେସନ୍ ମ୍ୟାନେଜର (ଜେନେରାଲ୍) ଶ୍ରୀ ଦେବରାଜ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀମତୀ ଯେଲିନା ପଣ୍ଡା, ରାଜଭାଷା ଅଧିକାରୀ ଏହି ବୈଠକକୁ ସଂଯୋଜନା କରିଥିଲେ।

## ହାଟପଦା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଲୋକାର୍ପଣ

ଜୟପୁର , (ପି.ଏନ): ଜୟପୁର ସହର ହାଟପଦା ଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଆଜି ଲୋକାର୍ପଣ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଲୋକାର୍ପଣ କରିଛନ୍ତି । ଲୋକାର୍ପଣ କାଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲାପାଳ ଅବଦୁଲ ଅହମ୍ମଦ ଆକ୍ତର, ସିଡିଏମଓ ଅରୁଣ ପାଢୀ, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା ପ୍ରମୁଖ ଉପସ୍ଥିତ ଥିଲେ । ଆରୋଗ୍ୟ କେନ୍ଦ୍ର ଆଜି ଲୋକାର୍ପଣ ହେବାରୁ ବାରିଣିପୁଟ, ଗଡପଦର ଓ ସହରର ଆଖ ଅଞ୍ଚଳର ଲୋକେ ଉପକୃତ ହୋଇ ପାରିବେ । ଏହା ସହ ଜିଲା ଚିକିତ୍ସାଳୟରେ ମଧ୍ୟ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବା ସହ ଘର ନିକଟରେ ଲୋକ ମାନେ ସ୍ୱାସ୍ଥ୍ୟ ସୁବିଧା ପାଇବେ ।

## ମାଲକାନଗିରି ରେ ଧାନ ମଣ୍ଡିର ଶୁଭାରମ୍ଭ

ମାଲକାନଗିରି,(ପି.ଏନ):ମାଲକାନଗିରି ଜିଲ୍ଲା ରେ ଥିବା ୧୪ଟି ଧାନ ମଣ୍ଡିର ଶୁଭାରମ୍ଭ କରାଯାଇଛି। ମାଲକାନଗିରି ସଦର ମହକୁମା ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣ ରେ ଆୟୋଜିତ ଧାନ ମଣ୍ଡିକୁ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି ଏବଂ ଜିଲ୍ଲାପାଳ ବିଶାଳ ସିଂ ମିଳିତ ଭାବେ ଶୁଭାରମ୍ଭ କରିଥିଲେ। ମାଲକାନଗିରି, ଭେଜାଙ୍ଗିୱାଡା, ଗୋବିନ୍ଦ ପଲ୍ଲୀ, ଉଣ୍ଡୁକୋଣ୍ଡା,, ଏମଭି-୧୧,, ପଟେରୁ, ଏମପିଭି-୮୧, ସିମିଳିବାଞ୍ଚା, କାମୱାଡା, ମାଥିଲି, ପରକନମାଳା, ପିଟାଗା ଟା ଏବଂ ରାମାଗୁଡା(ଦଳପତି ଗୁଡା)ରେ ଆଜି ଠାରୁ ଧାନ ମଣ୍ଡି ଆରମ୍ଭ ହୋଇଛି । ଚଳିତ ଖରିଫ ବର୍ଷ-୨୦୨୨/୨୩ ରେ ମାଲକାନଗିରି ଜିଲ୍ଲା ରେ ୧୧ ଲକ୍ଷ ୨୮୩୫ କ୍ୱିଂଟାଲ ଧାନ କ୍ରୟ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲ୍ଲା ରେ ୩୭ ହଜାର ଚାଷୀ ଧାନ ବିକ୍ରୟ ଲାଗି ନାମ ପଞ୍ଜୀକରଣ କରିଛନ୍ତି। ଚଳିତ ଖରିଫ ବର୍ଷ ଲାଗି ଜିଲ୍ଲା ରେ ୬୬ ଗୋଟି ଧାନ ମଣ୍ଡି ଖୋଲାଯାଇଛି ।ଧାନ ମଣ୍ଡି ପରିଚାଳନା ପାଇଁ ୮ଟି ଲ୍ୟାମ୍ପ ଏବଂ ୪ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କ୍ୱିଂଟାଲ ପ୍ରତି ସାଧାରଣ ଧାନ ର ମୂଲ୍ୟ ୨୦୪୦ ଟଙ୍କା ନିର୍ଦ୍ଧାରଣ କରାଯାଇଛି। ଗୋଟିଏ ଦିନରେ ଜଣେ ଚାଷୀ ୪୦ କ୍ୱିଂଟାଲ ଧାନ ମଣ୍ଡି ରେ ବିକ୍ରୟ କରିପାରିବ। ମଣ୍ଡି ରେ ଧାନ ବିକ୍ରୟ ଲାଗି ଚାଷୀ ନିଜର ପରଚୟ ପତ୍ର ସ୍ୱରୂପ ଭୋଟ ପରିଚୟପତ୍ର, କିଷାନ କ୍ରେଡିଟ୍ କାର୍ଡ ଏବଂ ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ କିମ୍ବା ଆଧାର କାର୍ଡ଼ ର ନକଲ ଆଣି ପାରିବେ ।ଚାଷୀ ଧାନ ବିକ୍ରୟ ପାଇଁ ୭ ଦିନ ପୂର୍ବରୁ ଲ୍ୟାମ୍ପସ୍ ରୁ ଆଗୁଆ ଟୋକେନ୍ ସଂଗ୍ରହ କରିପାରିବେ। ପଞ୍ଜିକୃତ ହୋଇ ଥିବା ମୋବାଇଲ୍ କୁ ମଧ୍ୟ ସୂଚନା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ମଣ୍ଡିରୁ ଧାନ ପରିବହନ ଲାଗି ୨୮ ଗୋଟି ମିଲରସ୍ ଙ୍କୁ ନିୟୋଜନ କରାଯାଇଛି। ମାଲକାନଗିରି ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଆଜି ଧାନ ମଣ୍ଡି ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟ ରେ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ନିୟନ୍ତ୍ରିତ ବଜାର କମିଟି ସଂପାଦକ ଗୁରୁଚରଣ ନାୟକ, ମିଲରସ୍ ସଂଘ ସଭାପତି ସୁରେଶ ଚନ୍ଦ୍ର ସୋମାନୀ,ପ୍ରମୁଖ ଉପସ୍ଥିତ ଥିଲେ।

## ମୋଟର ଭେଇକିଲ ନିୟମ ଉଲଘଂନ ଅପରାଧରେ କନ୍ଧମାଳ ପୋଲିସ ୨୩ ଜଣଙ୍କ ଠାରୁ ଆଦାୟ କଲା ଜୋରିମାନା

ଭୁବନେଶ୍ୱର , (ପି.ଏନ): ଗତ ୨୪ ଘଂଟା ମଧ୍ୟରେ ଜିଲ୍ଲା ପୋଲିସ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗାଡି ଚେକିଂ ବେଳେ ମୋଟର ଭେଇକିଲ ନିୟମକୁ ଅମାନ୍ୟ କରିବା ଅପରାଧରେ ସମୁଦାୟ ୩୨୨ଟି ଗାଡି ଚେକିଂ କରି ୫ ଜଣଙ୍କ ଡିଏଲ କ୍ୟାନ୍‌ସେଲ୍ କରାଯିବା ସହିତ ୨୩ ଜଣଙ୍କ ଠାରୁ ୧୪ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରିଛି ।ଜିଲ୍ଲାରେ ୧ ଜଣଙ୍କ ନାମରେ ଅବକାରୀ ମାମଲା ରୁଜୁ କରାଯିବା ସହ ୧୦ ଲିଟର ଦେଶୀ ମଦ ଜବତ କରିବା ସହିତ ୧ ଜଣଙ୍କ ନାମରେ ନୋଟିସ ଜାରି କରାଯାଇଅଛି ବୋଲି ଏ ସଂପର୍କରେ କନ୍ଧମାଳ ପୋଲିସ୍ ଦ୍ୱାରା ଟ୍ୱିଟ କରି ସୂଚନା ଦେଇଛନ୍ତି ।

## ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି



ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

## ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ□ ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା□କ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

## ସାଇବର ଥାନା ଦ୍ୱାରା ଠକାମି ଅଭିଯୋଗରେ ସନ୍ତୋଷ ଭୋଳ ଗିରଫ


ବଲାଙ୍ଗିର ,(ପି.ଏନ): ଲୋଇସିଙ୍ଗା ଆଂଚଳ କିଛି ଲୋକଙ୍କୁ ଚାକିରି କରାଇଦେବା ନାମରେ ?୫,୪୯,୦୦୦ ଟଙ୍କା ଆଣିଥିବା ଏହି ମାମଲାରେ ସାଇବର ଥାନାରେ ଠକାମି ଶିକାର ଯୁବକ ମାନଙ୍କ ଅଭିଯୋଗ କ୍ରମେ ସନ୍ତୋଷ ଭୋଳ କୁ ଗିରଫ ହୋଇଥିବା ବଲାଙ୍ଗିର ଏସ୍ ଡି ପି ଓ ତୁଫାନ୍ ବାଗ ସୂଚନା ଦେଇଛନ୍ତି କ୍ଷ ଏତଲା କୁ ଭିତ୍ତି କରି ସାଇବର ପୋଲିସ କେସ ନମ୍ବର ୭୫/୨୦୨୨,ଦଣ୍ଡବିଧି ଆଇନର ୪୨୦/ ୫୦୭ ଦଫାରେ ମାମଲା ରୁଜ୍ଜୁ କରି ଗତକାଲି ତାଙ୍କୁ ଗିରଫ କରାଯାଇଥିବା ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି ଓ ଶ୍ରୀ ଭୋଳ କେଶରୀଆ ହିନ୍ଦୁ ବାହିନୀର ଜଣେ ନାମକରା ରାଜ୍ୟ ସ୍ତରୀୟ ନେତା ହୋଇଥିବାରୁ ଏହି ଘଟଣା ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି ।

## ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




## —ମହାପ୍ରୟାଣ ଦିବସ ଉପଲକ୍ଷେ—
# ଜାନକୀବଲ୍ଲଭ (ଭରଦ୍ୱାଜ)



ପଣ୍ଡିତ ନୀଳକଣ୍ଠ ଦାସଙ୍କ ଦ୍ୱାରା ସଂପାଦିତ ନବ ଭାରତ ପତ୍ରିକାରେ ୧୯୪୯ ମାର୍ଚ୍ଚ – ଏପ୍ରିଲ ସଂଖ୍ୟାରେ ଉପେନ୍ଦ୍ର ଭଞ୍ଜ ଶୀର୍ଷକ ଏକ କବିତା ପ୍ରକାଶ ପାଇଥିଲା। ସେଇଟିର ଆରମ୍ଭ ଓ ଶେଷ ଥିଲା ଏହିପରି 'ହେ ଉପେନ୍ଦ୍ର! ତୁମ କାବ୍ୟ କବିତାର ଗୁରୁଭାର କେନ୍ଦ୍ର କିଛି ନୁହେ, ଥିଲା ତାହା ଏକମାତ୍ର ନାରୀ, ଆଉ ଏକ ଜଟିଳ ଦୁର୍ବୋଧ୍ୟ ଡିକ୍ସନାରୀ। ପଢୁ ପଢୁ ମନେହୁଏ ସତେ ଅବା କଷୁଛି ମୁଁ ଅଙ୍କ, ହେ ଉପେନ୍ଦ୍ର! ତୁମେ ମୋର ବିରାଟ ଆତଙ୍କ।' ପ୍ରକାଶିତ କବିତାଟି ଓଡ଼ିଆ ପାଠକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା। କେତେକ ପ୍ରଶଂସା କରି, ବଧେଇ ଜଣାଇଥିଲେ। ତେବେ, ଭଞ୍ଜ ପ୍ରେମୀମାନେ ଉତ୍କ୍ଷିପ୍ତ ହୋଇଥିଲେ। କବି ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଏକ ସଭାରେ ନବ ଭାରତ ପତ୍ରିକାର ଉକ୍ତ ସଂଖ୍ୟା ପୋଡି ନିଜର ଚରମ ପ୍ରତିକ୍ରିୟା ସର୍ବସାଧାରଣରେ ପ୍ରକାଶ କରିଥିଲେ। ଆଉ ପ୍ରତିକ୍ରିୟାସମୂହ ପ୍ରସିଦ୍ଧ କରିଥିଲା, ସେଇଟିକୁ ରଚନା କରିଥିବା ସେତେବେଳେ ସ୍ନାତକୋତ୍ତର ଶେଷ କରିଥିବା ଛାତ୍ର ଜାନକୀବଲ୍ଲଭ ମହାନ୍ତିଙ୍କୁ। ଆଧୁନିକ ଓଡ଼ିଆ ସାହିତ୍ୟରେ ଡ. ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ) ଏକ ସୁପରିଚିତ ନାମ। ପୁରୀ ଜିଲ୍ଲା ସ୍କୁଲରେ ଅଷ୍ଟମ ଶ୍ରେଣୀ ପଢୁଥିବା ବେଳେ ତାଙ୍କର କବି ଜୀବନ ଆରମ୍ଭ ହୋଇଥିଲା। ତାଙ୍କ ଲିଖିତ ପ୍ରଥମ କବିତା ଆମେ ଓଡ଼ିଆ ବିଦ୍ୟାଳୟର ମୁଖପତ୍ର ମହୋଦଧିରେ ପ୍ରକାଶିତ ହୋଇଥିଲା। ଉଚ୍ଚଶିକ୍ଷା ଲାଭ ପରେ ସେ ବୃତ୍ତିଗତ ଅଧ୍ୟାପନା ଆରମ୍ଭ କରିଥିଲେ। କବିତାରୁ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲେ ହେଁ ଅଧ୍ୟାପକ ହେବାପରେ ସେ ସମାଲୋଚନା ସାହିତ୍ୟ, ଶିଶୁ ସାହିତ୍ୟ ଓ ଅନୁବାଦକୁ ଅଧିକ ସମୟ ଦେଇଥିଲେ। ଜାନକୀ ବଲ୍ଲଭ (ଭରଦ୍ୱାଜ) ଅଢ଼େଇ ହଜାରରୁ ଅଧିକ ଓଡ଼ିଆ ଗୀତି କବିତା ଓ ଚଉତିଶା ଲୋକ ଲୋଚନକୁ ଆଣିଥିଲେ। ତିନିଶହରୁ ଅଧିକ ଲୋକ ଗଳ୍ପ ଓଡ଼ିଆ ଭାଷାରେ ଅନୁଦିତ କରିଥିଲେ। ତାଙ୍କ ନାମ ପଛରେ ଭରଦ୍ୱାଜ ଯୋଡ଼ାଯିବାର ଉପାଖ୍ୟାନଟି ଏହିପରି। ତାଙ୍କ ସମୟରେ ଦୁଇଜଣ ଜାନକୀ ବଲ୍ଲଭ ମହାନ୍ତି ଥିଲେ। ଜଣେ କଳା, ଜଣେ ଗୋରା। ଦୁହେଁ ଅଧ୍ୟାପକ ପୁଣି, ଓଡ଼ିଆ ବିଭାଗର। ତେଣୁ କଳା ଜାନକୀ ଓ ଗୋରା ଜାନକୀ ଭାବେ ପରିଚିତ ଥିଲେ। ଏହା ବିରକ୍ତ ଲାଗିବାରୁ ଜାନକୀ ବଲ୍ଲଭ ନାମ ପଛରେ ନିଜର ଗୋତ୍ର ଭରଦ୍ୱାଜ ଯୋଡ଼ିଥିଲେ। ୧୯୯୯ ଡିସେମ୍ବର ୧୬ ତାରିଖ ଦିନରେ ଶତାଧିକ ଗ୍ରନ୍ଥର ଏହି ମହାନ ସ୍ରଷ୍ଟାଙ୍କର ପରଲୋକ ହୋଇଥିଲା।

**ଡଃ. ଅରୁନ୍ଧତୀ ଦେବୀ,** ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଅଧିକାର ସାବ୍ୟସ୍ତ ପାଇଁ ମାନବ ଅଧିକାର ଜ୍ଞାନ ନିହାତି ଆବଶ୍ୟକ




ଭୁବନେଶ୍ୱର (ପିଏନ୍): ସିଟିଜେନସ୍ ହ୍ୟୁମାନ ରାଇଟସ୍ କ୍ଲିନିକ ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ଜୟଦେବ ବିହାରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଗୋପବନ୍ଧୁ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପଭୋକ୍ତା ବିବାଦର ସମାଧାନ ଆୟୋଗର ସଭାପତି ନ୍ୟାୟାଧୀଶ ଡ. ଡି.ପି. ଚୌଧୁରୀ ଯୋଗଦେଇ କହିଥିଲେ, ମାନବ ଅଧିକାର କଣ ସେ ବିଷୟରେ ସମସ୍ତେ ଜାଣିବା ଜରୁରୀ। ମାନବ ଅଧିକାର ସମ୍ବନ୍ଧୀୟ ଜ୍ଞାନ ଆହରଣ କଲେ ଜଣେ ନିଜର ଅଧିକାର ସାବ୍ୟସ୍ତ କରିବାକୁ ସୁବିଧା ଓ ସହଜ ହେବ ଏବଂ ଉପଯୁକ୍ତ ନ୍ୟାୟ ପାଇପାରିବ। ମୁଖ୍ୟବକ୍ତା ଭାବେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇ ମାନବ ଅଧିକାର ସମ୍ବନ୍ଧରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଆରପିଏଫର ମୁଖ୍ୟ ସୁରକ୍ଷା ଆୟୁକ୍ତ ପି.ଭି.ଏସ୍. ସନ୍ତୁ ରାମ କହିଥିଲେ ସ୍କୁଲ ପାଠ୍ୟକ୍ରମରେ ମାନବ ଅଧିକାର ବିଷୟ ରହିବା ଆବଶ୍ୟକ। ସମ୍ମାନିତ ଅତିଥିଭାବେ ପ୍ରଫେସର ବଂଶୀଧର ମଲ୍ଲିକ, ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀ, ଶିକ୍ଷାବିତ୍ ସୁଶାନ୍ତ କୁମାର ଦାସ, ବନଶ୍ରୀ ମହାପାତ୍ର, କାଳିଚରଣ ସିଂ ପ୍ରମୁଖ ଯୋଗଦେଇ ମାନବ ଅଧିକାର ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଆମ ଅଧିକାର ପତ୍ରିକାର ଚତୁର୍ଥ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଜୟକ୍ରୀଷ୍ଣ ମହନ୍ତ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଉପାସନା ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ଓଡିଶାର ପ୍ରତ୍ୟେକ ଜିଲ୍ଲାରୁ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜାତୀୟତାବାଦୀ ଚେତନାରେ ପରିପୁଷ୍ଟ ଥିଲେ ସମ୍ରାଟକେଶରୀ



ଖୋର୍ଦ୍ଧା (ପିଏନ୍): ମାଟିଆପଡ଼ା ଦଳବେହେରା ତଥା ଅବସରପ୍ରାପ୍ତ ସେନା ଅଧିକାରୀ ସମ୍ରାଟ କେଶରୀ ହରିଚନ୍ଦନଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ସ୍ମୃତିସଭା ବିଡିଏ କଲୋନୀ ଗାୟତ୍ରୀ ମନ୍ଦିର ପରିସରରେ ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ପରିଚୟ ଦେଇଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂହ, ବାଲିହୁଙ୍କା ଦଳବେହେରା ଅଜୟ ମାନଧାତା, ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ବରିଷ୍ଠ ବ୍ୟାଙ୍କ ଅଧିକାରୀ ଲକ୍ଷ୍ମୀଧର ସାମନ୍ତରାୟ, ଶିକ୍ଷାବିତ୍ ଡ. ଗୌରହରି ମିଶ୍ର, ଶିକ୍ଷାବିତ୍ ସତ୍ୟବାନ୍ ଶ୍ରୀଚନ୍ଦନ, ଶିକ୍ଷକ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ଡ. ବୃନ୍ଦାବନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହାନ୍ ଆତ୍ମାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ହରିଚନ୍ଦନ ସେନାବାହିନୀରୁ ଅବସର ନେବା ପରେ ସେ ପଲ୍ଲୀସ୍ଥିତ ବାସଭବନରେ ରହୁଥିଲେ। ବିଭିନ୍ନ ଗ୍ରାମର ପାଇକ ଆଖଡ଼ା ଦଳକୁ ଉତ୍ସାହିତ କରିବା ସହ ଶିକ୍ଷିତ ଯୁବକମାନଙ୍କୁ ସେନାବାହିନୀରେ ଯୋଗଦେବା ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିଥିଲେ। ଏକ ସଡ଼କ ଦୁର୍ଘଟଣାରେ ଦୁଇ ବର୍ଷ ତଳେ ସେ ପରଲୋକ ଗମନ କରିଥିଲେ। ସେ ନିଜେ ଜଣେ ପାଇକ କ୍ରୀଡ଼ା ଓସ୍ତାଦ ଥିବାରୁ ତାଙ୍କ ସ୍ମୃତିକୁ ମନେ ରଖିବା ପାଇଁ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ତାଙ୍କର ସ୍ମୃତିଚାରଣ କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ଚପଳା କୁମାରୀ ପଣ୍ଡା, ସଂଗ୍ରାମ କେଶରୀ ଭ୍ରମରବର ରାୟ, ଭଗବାନ ପଶ୍ଚିମ କବାଟ, ନାରାୟଣ ବରାଳ, ଜ୍ୟୋତିପ୍ରଭା ପଟ୍ଟନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସମାଜସେବୀ ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ସମ୍ରାଟଙ୍କ ଦୁଇ ପୁତ୍ର ଦୁର୍ଗା ପ୍ରସାଦ ହରିଚନ୍ଦନ ଓ ଜ୍ୟୋତିପ୍ରସାଦ ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# —ବିଜୟ ଦିବସ—



Image posted on Facebook by mofadhaka



ଆଜି ସାରା ଦେଶରେ ମହାସମାରୋହରେ ପାଳିତ ହେବ ବିଜୟ ଦିବସ। ୧୯୭୧ ଡିସେମ୍ବର ଆଜିର ଦିନରେ ଭାରତ-ପାକିସ୍ତାନ ଯୁଦ୍ଧ ଶେଷ ହୋଇଥିଲା। ଏହାର ଫଳାଫଳ ସ୍ୱରୂପ ପାକିସ୍ତାନୀ ସେନା ନିଃସର୍ତ୍ତ ଆତ୍ମସମର୍ପଣ କରିବା ସହ ପୂର୍ବ ପାକିସ୍ତାନର ବିଲୋପ ଘଟି ଜନ୍ମ ନେଇଥିଲା ବାଙ୍ଗଲାଦେଶ। ଏହି ଦିନରେ ଢ଼ାକ୍କାରେ ତତ୍କାଳୀନ ରମନା ରେସ୍ କୋର୍ସରେ ପାକିସ୍ତାନର ସେନା ମୁଖ୍ୟ ଜେନରାଲ ଅମୀର ଅବଦୁଲ୍ଲା ଖାନ ନିୟାଜୀ ତେୟାନବେ ହଜାର ପାକିସ୍ତାନୀ ସୈନିକଙ୍କ ସହ ଭାରତୀୟ ସେନାର ଜେନରାଲ ଜଗଜିତ୍ ସିଂହ ଅରୋଡ଼ାଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ବାଙ୍ଗଲାଦେଶ ମୁକ୍ତି ବାହିନୀ ସହ ଭାରତୀୟ ସେନା ମିଶି ଉକ୍ତ ଐତିହାସିକ ଯୁଦ୍ଧ ଲଢ଼ି ବିଜୟୀ ହୋଇଥିଲା। ପ୍ରତି ବର୍ଷ ବିଜୟ ଦିବସରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ, ଭାରତୀୟ ସେନାର ତିନି ବିଭାଗୀୟ ମୁଖ୍ୟଙ୍କ ସହ ଇଣ୍ଡିଆ ଗେଟ୍‌ରେ ଥିବା ଅମର ଜୱାନ ଜ୍ୟୋତିରେ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ବିଧି ପ୍ରଚଳିତ। ବେଙ୍ଗାଲୁରୁର ନେସନାଲ ମିଲିଟାରୀ ମେମୋରିଆଲରେ ମଧ୍ୟ ଅନୁରୂପ ଶ୍ରଦ୍ଧାଞ୍ଜଳି ଦିଆଯାଏ। ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଅତ୍ୟନ୍ତ ସୁଦୃଢ଼ ସ୍ଥିତିରେ ରହିଛି ଓ ସମଗ୍ର ବିଶ୍ୱରେ ଭାରତ ଏକ ଶାନ୍ତିଶୀଳ ପରୋପକାରୀ ରାଷ୍ଟ୍ର ଭାବେ ପରିଚିତ। ବିଜୟ ଦିବସ ଭାରତ ସେନାବାହିନୀର ପରମବୀରତା, ଅଖଣ୍ଡ ସାହାସ ଓ ଶୌର୍ଯ୍ୟର ପ୍ରତୀକ। ପ୍ରତିଟି ଭାରତୀୟ ଆଜିର ଦିବସରେ ଗର୍ବିତ ହେବା ସହ ଦେଶ ମାତୃକାର ସେବା ପାଇଁ ନିଜ ଦାୟିତ୍ୱବୋଧକୁ ପାଳନ କରିବା ପାଇଁ ଶପଥ ନେବାର ସ୍ମରଣୀୟ ଓ ପବିତ୍ର ଦିବସ ହେଉ ଏହା ହିଁ କାମନା।

**-ଶରତ କୁମାର ସାହୁ,** 'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର, ଦୂରଭାଷ : ୯୪୩୭୦୫୧୫୪୩

## ଡିସେମ୍ବର ୧୬ ଜୟନ୍ତୀ ଅବସରରେ
# -ପଠାଣି ସାମନ୍ତ-




ଓଡ଼ିଶା ତଥା ଭାରତର ପ୍ରସିଦ୍ଧ ଜ୍ୟୋତିଷ ବିଶାରଦ ଚନ୍ଦ୍ରଶେଖର ସାମନ୍ତ। ପଠାଣି ସାମନ୍ତ ନାମରେ ସେ ପରିଚିତ। ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଆଦିଙ୍କ ଦୈନିକ ଓ ବାର୍ଷିକ ଆବର୍ତ୍ତନର ନିର୍ଭୁଲ ଗଣନା, ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସଠିକ ସମୟ ନିର୍ଦ୍ଧାରଣରେ ସେ ପାରଙ୍ଗମ ଥିଲେ। ତାଙ୍କ ନାମରେ ପଠାଣି ସାମନ୍ତ ପଞ୍ଜିକା ପ୍ରଚଳିତ। ଚନ୍ଦ୍ରଶେଖରଙ୍କ ବାପା ଜଣେ ପ୍ରସିଦ୍ଧ ଗାଣିତିକ ଥିଲେ। ଗଣିତ ଜ୍ୟୋତିଷରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା। ଚନ୍ଦ୍ରଶେଖର ତାଙ୍କଠୁ ଗଣିତ ଜ୍ୟୋତିଷ ଶିକ୍ଷା ଲାଭ କରିଥିଲେ। ପୁରାତନ ଜ୍ୟୋତିଷ ଶାସ୍ତ୍ରଗୁଡ଼ିକର ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହିତ ସୂକ୍ଷ୍ମ ଯନ୍ତ୍ରମାନ ସେ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳୀ ସାହାଯ୍ୟରେ ଗ୍ରହମଣ୍ଡଳର ନକ୍ଷତ୍ରମାନଙ୍କ ଗତି ଅବଲୋକନ କରି ନୂଆ ସିଦ୍ଧାନ୍ତରେ ପହଞ୍ଚିଥିଲେ। ନୂତନ ଗଣନା ଅନୁଯାୟୀ ସେ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ରଚନା କରିଥିଲେ। ଗୋଲଯନ୍ତ୍ର, ସୂର୍ଯ୍ୟଘଡ଼ି, ଶଙ୍କୁଦଣ୍ଡ, ଉଲମ୍ବୀ ଚକ୍ର, ମାନଯନ୍ତ୍ର, ଖଗୋଳଯନ୍ତ୍ର ଇତ୍ୟାଦି ତାଙ୍କ ଦ୍ୱାରା ନିର୍ମିତ। ନିର୍ଭୁଲ ଜ୍ୟୋତିଷ ଗଣନା ଯୋଗୁଁ ୧୮୯୩ରେ ପଠାଣି ସାମନ୍ତଙ୍କୁ



ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରାଯାଇଥିଲା। କୁହାଯାଏ ନିଜେ ନିଜ ଜାତକ ଗଣନା କରି ସେ ନିଜ ମୃତ୍ୟୁ ସମୟ ଜାଣିପାରିଥିଲେ। ତାଙ୍କ ନାମରେ ଭୁବନେଶ୍ୱରଠାରେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ରହିଛି। ୧୮୩୫ ଡିସେମ୍ବର ୧୬ରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଖଣ୍ଡପଡ଼ା ରାଜବଂଶରେ ଚନ୍ଦ୍ରଶେଖର ଜନ୍ମଗ୍ରହଣ କରିଥିଲେ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ରାଜ୍ୟପାଳଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ



ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଲେଖିକା ତଥା ଶିକ୍ଷାବିତ୍ ଝରଣା ପଟ୍ଟନାୟକଙ୍କ ରଚିତ ନୂତନ ଉପନ୍ୟାସ 'ହରିବୋଲିଆ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ରାଜଭବନରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, କବି ରକ୍ଷକ ନାୟକ ଓ ଜ୍ୟୋତିପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ସୃଜନଶୀଳ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। 'ଅପୂର୍ବା' ପ୍ରକାଶନୀ ସଂସ୍ଥା ଦ୍ୱାରା ଏହି ଉପନ୍ୟାସ ପ୍ରକାଶିତ ହୋଇଛି। ଶ୍ରୀମତୀ ପଟ୍ଟନାୟକଙ୍କ ଅନେକ କବିତା, ଗଳ୍ପ, ସଂକଳନ ଓ ଉପନ୍ୟାସ ପୂର୍ବରୁ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିସାରିଛି।

# ଜାରକାକୁ ଏନ୍‌ଏସି ମାନ୍ୟତା କେବେ ?

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଘୋଷଣା କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ମାତ୍ର ପ୍ରଶାସନିକ ଅବହେଳା ଓ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅସହଯୋଗରୁ ପ୍ରାୟ ୨୫ବର୍ଷ ହେଲା ଜାରକା ଏଏନ୍‌ଏସି ମାନ୍ୟତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। କ୍ରମବର୍ଦ୍ଧିଷ୍ଣୁ ଜାରକା ସହରକୁ ଏନ୍‌ଏସି କରିବାପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଆସୁଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତି ହୋଇନଥିବାରୁ ଏହା ଅଧାରେ ଅଟକି ରହିଥିବା ଅଭିଯୋଗରେ ଦର୍ଶାଯାଇଛି। ଜାରକାରେ ବ୍ଲକ ମୁଖ୍ୟାଳୟ ସମେତ ବହୁ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ୍, ସ୍କୁଲ୍, କଲେଜ୍ ଆଦି ବିଭିନ୍ନ ଅନୁଷ୍ଠାନ ରହିଛି। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଜାରକା ବଜାର ଯାଜପୁର ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ହୋଇଥିବା ବେଳେ ଏହାକୁ ଏନ୍‌ଏସି କରିବାପାଇଁ ସମସ୍ତ ପ୍ରକାର ଭିତିଭୂମି ରହିଛି। ଏହାସତ୍ତ୍ୱେ ଜାରକାକୁ ଏନ୍‌ଏସି ମାନ୍ୟତା ଦେବାରେ ପ୍ରଶାସନ ଓ ଶାସକ କାହିଁକି ଗୁରୁତ୍ୱ ଦେଉନାହାଁନ୍ତି, ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଓ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତଃ ବୈରାଗୀ ଚରଣ ବିଶ୍ୱାଳ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି କରିଛନ୍ତି। ଫଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହେବା ସହିତ ଆବଶ୍ୟକ ତଥ୍ୟ ଏବଂ କାଗଜପତ୍ର ଦେବାକୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ସାମିଲ ହେବାକୁ ଥିବା ଜାରକା, କୁମାରୀ, ଗଙ୍ଗାଧରପୁର, ଚୋରମୁହାଁ, ଚହଟା ଆଦି ପଞ୍ଚାୟତର ସରପଞ୍ଚମାନଙ୍କୁ ଆନୁଷ୍ଠାନିକ ଭାବେ ପ୍ରସ୍ତାବ ଗ୍ରହଣ କରିବାକୁ ଗତବର୍ଷ ଅନୁରୋଧ କରାଯାଇଥିଲା। ମାତ୍ର ପଞ୍ଚାୟତଗୁଡ଼ିକ ପକ୍ଷରୁ ଏଥିପାଇଁ ରିଜୋଲୁସନ କରାଯାଇ ନଥିବାରୁ ଏହି କାର୍ଯ୍ୟ ଅଧାବାଟରେ ଅଟକି ରହିଥିବା ଜଣାପଡ଼ିଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଜାରକାକୁ ଏନ୍‌ଏସି ମାନ୍ୟତା ମିଳୁନଥିବା ଚର୍ଚ୍ଚା ହେଉଛି। ତେବେ ଜାରକା କେବେ ଏନ୍‌ଏସି ମାନ୍ୟତା ପାଇବ, ତାହା ଦେଖିବାକୁ ବାକି ରହିଲା।

# ଗୁରୁ ମହେନ୍ଦ୍ରନାଥ ମହାପାତ୍ରଙ୍କ 'ଗୁପ୍ତ ବୃନ୍ଦାବନ ଏଇ ରେମୁଣା' ଗ୍ରନ୍ଥ ଉନ୍ମୋଚିତ

ବାଲେଶ୍ୱର (ପିଏନ୍)-ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଂଗୀତ ଗୁରୁ ମହେନ୍ଦ୍ରନାଥ ମହାପାତ୍ରଙ୍କ କବିତା ଗ୍ରନ୍ଥ 'ଗୁପ୍ତ ବୃନ୍ଦାବନ ଏଇ ରେମୁଣା'ର ଶୁଭ ଲୋକାର୍ପଣ ଉତ୍ସବ କ୍ଷୀରଚୋରା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଡ଼. ଭାବଗତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ଼. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସଭାପତି ଫକୀରମୋହନ ସାହିତ୍ୟ ପରିଷଦ, ମୁଖ୍ୟବକ୍ତା କବି ଭରତ ଚନ୍ଦ୍ର ଦାସ, ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସମୀକ୍ଷକ ପଣ୍ଡିତ ବ୍ୟାକରଣବିତ୍ ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ସରୋଜ କୁମାର ବେହେରା, ନିର୍ବାହୀ ଅଧିକାରୀ କ୍ଷୀରଚୋରା ମନ୍ଦିର କବି ପୂର୍ଣ୍ଣଚନ୍ଦ୍ର ମହାଳିକ ଯୋଗଦେଇ କବି ଶ୍ରୀ ମହାପାତ୍ରଙ୍କ କବିତା ଗ୍ରନ୍ଥ ସମୀକ୍ଷା କରି ଭୂୟସୀ ପ୍ରଶଂସା କରିଥିଲେ। କବିତା ଗୁଡ଼ିକରେ ଗୁପ୍ତ ବୃନ୍ଦାବନ ଧାମର ମହିମା ବର୍ଣ୍ଣିତ ହେବା ସହ ଆଧ୍ୟାତ୍ମିକ ଚେତନାକୁ ଧରି ରଖିଛି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। କବି ଗୁରୁ ଶ୍ରୀ ମହାପାତ୍ର ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିବା ବେଳେ, ପ୍ରକାଶକ ଶିକ୍ଷାବିତ୍ ସୂର୍ଯ୍ୟମଣି ବୈଦି ପ୍ରକାଶକୀୟ ଅନୁଭୂତି ପ୍ରକାଶ କରିଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ଦେଇଥିବା ବେଳେ ପଣ୍ଡିତ ଶକ୍ତିପଦ ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ।

# ବୃଷଭ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଭିନ୍ନକ୍ଷମଙ୍କୁ ସମ୍ବର୍ଦ୍ଧନା



ପାରାଦୀପ (ପିଏନ୍)-ପାରାଦୀପର ବୃଷଭ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପରିପ୍ରେକ୍ଷୀରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଭିନ୍ନକ୍ଷମ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିବା ସହିତ ଦିବ୍ୟାଙ୍ଗମାନେ ସବୁ କ୍ଷେତ୍ରରେ ଅନ୍ୟମାନଙ୍କ ପରି ଦକ୍ଷତା ପ୍ରତିପାଦନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଅନୁଷ୍ଠାନ ଦ୍ୱାରା ଦିବ୍ୟାଙ୍ଗ ସାଥୀ ଅନ୍ତର୍ଯ୍ୟାମୀ ପାତ୍ରୀ, କାହ୍ନୁ ଚରଣ ମଣ୍ଡଳ ଓ ବିଭୂତି ଭୂଷଣ କରଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଗଙ୍ଗାଧର ସେଠୀ, ମୁଖ୍ୟ ଉପଦେଷ୍ଟା ଜାମିନୀକାନ୍ତ ମହାନ୍ତି, ସମ୍ପାଦକ ପ୍ରଶାନ୍ତ ମହାରଣା, ଉପସଭାପତି ବିଦ୍ୟାଧର ସ୍ୱାଇଁ, କୋଷାଧ୍ୟକ୍ଷ ନିର୍ମଳ ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।


## DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାଦିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

# ବାରୁଅ ଗ୍ରାମପଂଚାୟତ ସରପଂଚଙ୍କ ବିରୋଧରେ ୱାର୍ଡସଭ୍ୟ/ସଭ୍ୟାଙ୍କ ଅନାସ୍ଥା ପ୍ରସ୍ତାବ ନୋଟିସ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ଗ୍ରାମପଂଚାୟତର ସରପଂଚ ସୁଶୀଳା ରାଉତଙ୍କ ବିରୋଧରେ ମୋଟ ୨୧ଜଣ ୱାର୍ଡସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ୧୭ଜଣ ୱାର୍ଡସଭ୍ୟ/ସଭ୍ୟାମାନେ ନାୟବ ସରପଂଚ ବସନ୍ତ ନାୟକ ଓ ୧୫ନମ୍ବର ୱାର୍ଡସଭ୍ୟ ଗୋବର୍ଦ୍ଧନ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ଉପଜିଲ୍ଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ନୋଟିସ ପ୍ରଦାନ କରିଥିବା ଜଣାପଡିଛି । ଗତ ୮ତାରିଖରେ ଏହି ଉପଲକ୍ଷେ ପଂଚାୟତର ନାୟବ ସରପଂଚ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ବାରୁଅସ୍ଥିତ ଶ୍ରୀ ସିଦ୍ଧ ମହାପୁରୁଷ ମଠ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ସେହି ବୈଠକରେ ବାରୁଅ ପଂଚାୟତର ସରପଂଚ ଶ୍ରୀମତୀ ରାଉତଙ୍କ ମନମୁଖି ବେଆଇନ କାର୍ଯ୍ୟ ପାଇଁ ସୃଷ୍ଟି ହୋଇଥିବା ଅରାଜକତା ବାତାବରଣ ଉପରେ ଉପସ୍ଥିତ ପଂଚାୟତର ୱାର୍ଡସଭ୍ୟ/ସଭ୍ୟାମାନେ ବିଷଦ ଭାବେ ଆଲୋଚନା କରି ପ୍ରସ୍ତାବ ଗୃହିତ କରିଥିଲେ । ପ୍ରସ୍ତାବ ଗୁଡିକ ମଧ୍ୟରେ ଗତ ଏକବର୍ଷ ହେବ ପଂଚାୟତର ବୈଠକ ନବସିବା, ପଲ୍ଲିସଭା ଓ ଗ୍ରାମସଭା ଆହୁତ ନହୋଇ ପଂଚାୟତରେ ବିଭିନ୍ନ କାର୍ଯ୍ୟ କରାଯିବା, ପିଛିଲା ପଲ୍ଲିସଭାରେ ଚଂଚକତା ପୂର୍ଣ୍ଣ ଭାବେ ବର୍ତ୍ତମାନର କାର୍ଯ୍ୟ ଗୁଡିକୁ ଯୋଗ କରାଯିବା, ପଂଚାୟତକୁ ଆସୁଥିବା ଗୁରୁତ୍ୱପୂର୍ଣ୍ଣ ସରକାରୀ ଚିଠିପତ୍ରକୁ ପଂଚାୟତ ବୈଠକରେ ଆଲୋଚନା କରାନଯିବା ପ୍ରଭୃତି ସରପଂଚଙ୍କ ମନମୁଖି କାର୍ଯ୍ୟକୁ ପ୍ରତିପାଦିତ କରୁଛି । ଗତ ଫନୀ ବାତ୍ୟାରେ ପଂଚାୟତକୁ ଆସିଥିବା ରିଲିଫ ସାମଗ୍ରୀ ପଂଚାୟତର ଜନସାଧାରଣଙ୍କ ମଧ୍ୟରେ ବଂଟନ କରାନଯାଇ ଏବେବି ପଂଚାୟତର ଗୋଦାମଘରେ ଖତ ଖାଇବା ସରପଂଚଙ୍କ ଅବହେଳାର ନିଦର୍ଶନ । ପଂଚାୟତରେ ଗ୍ରାମ ଆଲୋକୀକରଣ ଯୋଜନାରେ ଲଗାଯାଇଥିବା ଷ୍ଟ୍ରୀଟ ଲାଇଟରେ ବ୍ୟାପକ ଦୁର୍ନୀତୀ, ଇନ୍ଦିରା ଆବାସ,ବିଜୁ ପକ୍କାଘର ଓ ମୋକୁଡିଆ ଯୋଜନାରେ ଠିକଣା ହିତାଧିକାରୀ ଚୟନ ନହେବା ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯାଉ । ଏହିସବୁ ଦୁର୍ନିତୀ,ବେଆଇନ,ଅବହେଳା ଓଭ୍ରଷ୍ଟାଚାର କାରଣରୁ ସରପଂଚ ଶ୍ରୀମତୀ ରାଉତଙ୍କ ଉପରୁ ଆସ୍ଥା ହରାଇ ତୁରନ୍ତ ତାଙ୍କୁ ଆଇନ ମୁତାବକ ବହିଷ୍କାର କରାଯିବା ପାଇଁ ବୈଠକରେ ଦାବୀ କରାଯାଇଛି । ବୈଠକରେ ସରପଂଚଙ୍କ ବିରୋଧରେ ଗୃହିତ ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ବୈଠକରେ ୱାର୍ଡସଭ୍ୟ ଉମେଶ ଚନ୍ଦ୍ର ପରିଡା, ରାଜ କିଶୋର ନାୟକ, ମୀନତି ପରିଡା, ସୁକାନ୍ତି ଦାସ, ନକୁଳ ମଳିକ, ସଂଯୁକ୍ତା ବିଶ୍ୱାଳ, ରଶ୍ମିତା ମଳିକ, ସ୍ନେହଲତା ପାଲ, ପ୍ରବୀର କୁମାର ମଳିକ, ବିଦ୍ୟୁଲତା ସେଠୀ, ମମତା ସାମଲ, ମାନସ ପରିଡା, ରୁକ୍ମଣୀ ପରିଡା, ଗୋବର୍ଦ୍ଧନ ଦାସ, ମନୋରମା ବିଶ୍ୱାଳ ଓ ଲିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସରପଂଚ ଶ୍ରୀମତୀ ରାଉତଙ୍କ ବିରୋଧରେ କୋଟି କୋଟି ଟଙ୍କା ଆତ୍ମସାତର ଅଭିଯୋଗ ଆଣିଛନ୍ତି ୧୭ଟି ୱାର୍ଡର ୱାର୍ଡସଭ୍ୟ/ସଭ୍ୟା । ଏମଜିଏନଆରଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବନିକରଣ, ସ୍ୱଛଭାରତ କାର୍ଯ୍ୟକ୍ରମ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ବିନା କାର୍ଯ୍ୟରେ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି । ଏଭଳିକି କୋଭିଡ ସମୟରେ ମଧ୍ୟ ସରପଂଚ କୌଣସି ୱାର୍ଡସଭ୍ୟ/ସଭ୍ୟାଙ୍କୁ ନଜଣାଇ ନିଜେ ସବୁ ନିମ୍ନମାନର ଉପକରଣ କିଣିଥିବା ଅଭିଯୋଗ ହୋଇଛି । ୨୧ଟି ୱାର୍ଡରେ ୮୦ଟି ନିମ୍ନମାନର ବିଦ୍ୟୁତ ବଲ୍ବ ଲଗାଯାଇଥିବା ବେଳେ ୧୫୦ଟି ବଲ୍ବ ଲାଗିଥିବା ଦର୍ଶାଇ ପ୍ରତ୍ୟେକ ବଲ୍ବର ଦାମ ୧୫ହଜାର ୫ଶହ ଟଙ୍କା ଲେଖାଁଏ ବିଲ କରାଯାଇଥିବା ଅଭିଯୋଗ ହୋଇଛି । ସରପଂଚଙ୍କ ଏଭଳି ଏକଛତ୍ରବାଦ ନୀତି ବିରୋଧରେ ୱାର୍ଡସଭ୍ୟ/ସଭ୍ୟାମାନେ ବାଧ୍ୟ ହୋଇ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଥିବା କହିଛନ୍ତି । ଯଦି ସରକାରୀ ଆଇନ ଅନୁଯାଇ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ସେମାନେ ବାଧ୍ୟ ହୋଇ ସବୁଦିନ ପାଇଁ ପଂଚାୟତ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

# ପଟ୍ଟାମୁଣ୍ଡାଇ ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ପଟ୍ଟାମୁଣ୍ଡାଇ,(ପିଏନ)- ସଂପ୍ରତି ଆଗାମୀ ଶାରଦୀୟ ଦୁର୍ଗାପୂଜା ଉତ୍ସବ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଦୁର୍ଗାପୂଜା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରିଙ୍କ ପୌରହିତ୍ୟରେ ପଟ୍ଟାମୁଣ୍ଡାଇ ପଚାଂୟତ ସମିତି ସଭାଗୃହରେ ଆୟୋଜିତ ବୈଠକରେ ଆଗାମୀ ଦୁର୍ଗାପୂଜା ଉତ୍ସବକୁ କୋଭିଡ ନିୟମାନୁଯାୟୀ ପାଳନ କରାଯିବାକୁ ଆଲୋଚନା କରାଯାଇଥିଲା । ତେବେ ମେଢ କମିଟିର ସଭାପତିମାନେ କେନ୍ଦ୍ରାପଡା ଏଡିଏମଙ୍କ ନିକଟରେ ଉତ୍ସବକୁ ପାଳନ କରିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିବା ଘଟଣାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ମେଢ କମିଟିର କର୍ମକର୍ତା ଓ ଶାନ୍ତି କମିଟିର ସଦସ୍ୟମାନେ ଏହି ଚୁକ୍ତିପତ୍ର ସ୍ଥାନୀୟ ପ୍ରଶାସନ ଜରିଆରେ ସଂପାଦନ କରାଯିବା ନେଇ ଯୁକ୍ତି ଉପସ୍ଥାପନ କରିଥିଲେ । ସଭା ମଚଂରେ ଉପସ୍ଥିତି ତହସିଲଦାର ଶ୍ରୀଗିରି ଓ ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡା ଫୋନ ଯୋଗେ ଏଡିଏମଙ୍କ ସହିତ ଯୋଗାଯୋଗ କରି ଶାନ୍ତି କମିଟି ବୈଠକ ନିଷ୍ପତିକୁ ଜଣାଇବା ପରେ ମଧ ଏଡିଏମ ସମସ୍ତ ମେଢର କର୍ମକର୍ତାମାନେ କେନ୍ଦ୍ରାପଡା ଯାଇ ତାଙ୍କ କାର୍ଯ୍ୟାଳୟରେ ଚୁକ୍ତିପତ୍ର ସ୍ୱାକ୍ଷର କରିବାକୁ କହିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ, ତହସିଲଦାର ଶ୍ରୀଗିରି ଓ ବିଡିଓ ଶ୍ରୀପରିଡା ଶାନ୍ତି କମିଟି ଓ ମେଢ କମିଟି ସଭ୍ୟମାନଙ୍କୁ ବୁଝାଶୁଝା କରିବା ସହିତ ଜିଲ୍ଲା ପ୍ରଶାସନକୁ ଏହି ବିଷୟରେ ଅବଗତ କରାଇ ସମାଧାନ ବାହାର କରିବା ପାଇଁ ପ୍ରତିଶୃତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଏହି ବୈଠକରେ ପୌରନିର୍ବାହୀ ଅଧିକାରୀ ସଂପଦ ସ୍ୱାଇଁ, ମେଡିକାଲ ଅଫିସର ଡା.ନିରାକାର ପରିଡା, ମେଢ କମିଟି ସଂପାଦକ ବିଜୟ ସାହୁ, ବିକାଶ ପରିଷଦର ସଂପାଦକ ଗୋପିନାଥ ତ୍ରିପାଠୀ, ବରିଷ୍ଠ ସଦସ୍ୟ ଭୋଳାନାଥ ପାଢୀ, କିଶୋର ସାହୁ, ରମେଶ ଦେ, ସାମ୍ବାଦିକ ପତିତପାବନ ଭଦ୍ର, ଅନୀଲ ଚୌଧୁରୀ, ରାଧାମୋହନ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ମହାନ୍ତି, ପୂର୍ତ ବିଭାଗ ସହନିର୍ବାହୀ ଅଧିକାରୀ ଇଂ. ପ୍ରଶାନ୍ତ କୁମାର ଦାସ, ଜଳସଂପଦ ବିଭାଗ ସହନିର୍ବାହୀ ଅଧିକାରୀ ଇଂ. ଶକ୍ତି ପ୍ରସାଦ ଦାସ, ସେସୁ ଏସଡିଓ ଇଂ. ବିବେକାନନ୍ଦ ପଣ୍ଡା, ମେଢ କମିଟିର କର୍ମକର୍ତା ପ୍ରମୋଦ ଜେନା, ରବିନ୍ଦ୍ର ସାହୁ, ଦୁଷ୍ମନ୍ତ ସାହୁ , ସନାତନ ବିଶ୍ୱାଳ, ବିଶ୍ୱଜିତ ଦାସ, ବାବୁରାମ ପାଢୀ ପ୍ରମୁଖ ବହୁ ମେଢ କମିଟିର କର୍ମକର୍ତା ଓ ସଭ୍ୟ ଏହି ବୈଠକରେ ଯୋଗ ଦେଇଥିଲେ । ଶେଷରେ ବରିଷ୍ଠ ସଭ୍ୟ ଗୋପିନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)- ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣର ମଦ ସହ ୨ ଜଣ ଗିରଫ ହୋଇଥିଲେ । ହେଲେ ମଦ ମାଫିଆମାନଙ୍କ ପାଲଟା ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଅବକାରୀ କର୍ମଚାରୀ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ମଦକୁ ବି ଛଡାଇ ନେଇଥିଲେ ଆକ୍ରମଣକାରୀ । ଏବଂ ଅଭିଯୁକ୍ତମାନେ ସମସ୍ତ ୭ ଜଣ ଅବକାରୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ଗ୍ରାମରେ ଅଟକାଇ ରଖିଥିଲେ ।
ପରେ ଏନେଇ ଥାନାରେ ଅଭିଯୋଗ ହୋଇଥିଲା । ପରେ ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା । ଶେଷରେ ଆଜି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ୍ । ଏହି ଅଭିଯୁକ୍ତମାନେ ହେଲେ ତପନ ବେହେରା, ଅମର ବେହେରା ଓ ଦୀପକ ବେହେରା । ସମସ୍ତେ ମିର୍ଜାପୁର ଅଂଚଳର ବୋଲି ଜଣାପଡିଛି ।

# ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକେଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅଞ୍ଚଳବାସୀ ଦାବିକରିଛନ୍ତି ।

